

ଯାହାର ଚିତ୍ତ ସ୍ଥିର ନୁହେଁ, ତା'ଠାରୁ କେବେ ବିଜ୍ଞତା ଆଶା କର ନାହିଁ।

- ଶିଶେରୋ



## ସଂକ୍ଷେପରେ

### ସୁପର-୩୦ ଗ୍ରୀନ୍ ଓଡ଼ିଶା ପକ୍ଷରୁ ପିଲାଟିଏ ଗଛଟିଏ କାର୍ଯ୍ୟକ୍ରମ

**ରସୁଲପୁର,୨୧।୯(ଡିଏନଏ):** ପ୍ରବାସୀ ଭାରତୀୟ ଧର୍ମେନ୍ଦ୍ର କରଙ୍କୁ ପରିବେଶ ଚିନ୍ତା ଘାରିଛି। ସେ ଉତ୍ତର-ପୂର୍ବାଞ୍ଚଳ ଜୋନ୍‌କୁ ସବୁଜ ବଳୟରେ ପରିଣତ କରିବା ପାଇଁ ସଂକଳ୍ପ ନେଇଛନ୍ତି। ଏଥି ସକାଶେ ସେ ସୁପର-୩୦ ଗ୍ରୀନ ଓଡ଼ିଶା ନାମରେ ଏକ ସଂସ୍ଥା ବି ଗଠନ କରିଛନ୍ତି। ଏହି ମିଶନକୁ ସଫଳ କରିବା ପାଇଁ ସେ ବିଦ୍ୟାଳୟସ୍ତରରୁ କୋମଳମତି ଝିଅପୁଅଙ୍କୁ ସାମିଲ କରିଛନ୍ତି। ବୃକ୍ଷରୋପଣ ଓ ସିଡବଲ ମାଧ୍ୟମରେ ସବୁଜ ବଳୟ ସୃଷ୍ଟି କରିବାରେ ପିଲାମାନେ ହିଁ ସହାୟକ ହୋଇପାରିବେ। ଏହି ଆଧାରରେ ସେ ନିଜେ ପାଠ ପଢ଼ିଥିବା ଗାଁ ବିଦ୍ୟାଳୟ ମୁଗୁପାଳ ନୋଡାଲ ଉଚ୍ଚ ବିଦ୍ୟାଳୟରୁ କାର୍ଯ୍ୟକ୍ରମ ଆରମ୍ଭ କରିଛନ୍ତି। ପିଲାଟିଏ ଗଛଟିଏର ମହତ୍ୱ ପିଲାଙ୍କୁ ବୁଝାଇ କହିଛନ୍ତି। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଶ୍ରୀକାନ୍ତ ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସୁପର-୩୦ ଗ୍ରୀନ୍ ଓଡିଶାର ପ୍ରତିଷ୍ଠାତା କର ମୁଖ୍ୟ ଅତିଥି ଭାବରେ ଯୋଗ ଦେଇଥିଲେ। ଉକ୍ତ କାର୍ଯ୍ୟକ୍ରମରେ ରମେଶ ଚନ୍ଦ୍ର ବିଶ୍ୱାଳ, ଅକ୍ଷୟ କୁମାର ସାହୁ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ମୃତ୍ୟୁଞ୍ଜୟ ମିଶ୍ର, ଡାକବିଭାଗର ସହକାରୀ ବିତ୍ତ ଅଧିକାରୀ ଫାଲଗୁନି ବିଭୁକଲ୍ୟାଣ ଦାସ, ଶ୍ୟାମସୁନ୍ଦର ଦାଶ, ପ୍ରାକ୍ତନ ଶିକ୍ଷକ ପ୍ରମୋଦ କୁମାର ଦାଶ, ପ୍ରକାଶ ଚନ୍ଦ୍ର ମହାନ୍ତି ପ୍ରମୁଖ ଅତିଥି ଭାବେ ଯୋଗଦେଇ ପ୍ରତ୍ୟେକ ପିଲା ନିଜ ବାଡିରେ ଗୋଟିଏ ଲେଖାଏଁ ଗଛ ଲଗାଇବା ସହ ତାର ଯତ୍ନ ନେବାକୁ ପରାମର୍ଶ ଦିଆଯାଇଥିଲା। ଅନୁଷ୍ଠାନ ପକ୍ଷରୁ ସମସ୍ତଙ୍କୁ ମାଗଣାରେ ଗଛ ଯୋଗାଇ ଦିଆଯିବ ବୋଲି ସୂଚନା ଦିଆଯାଇଥିଲା। ଶିକ୍ଷକ ବିଷ୍ଣୁଚରଣ ସାହୁ, ଅବିନାଶ ଆଏଚ, ଜ୍ୟୋତି ବିଶ୍ୱାଳ, ପଙ୍କଜିନୀ ନାୟକ, ଅର୍ଚ୍ଚନା, ପ୍ରିୟଦର୍ଶିନୀ ପ୍ରମୁଖ ବକ୍ତବ୍ୟ ରଖିଥିଲେ।

### ଚିତାଲୋ କଲେଜରେ ମେଗା ରକ୍ତଦାନ ଶିବିର

**ଯାଜପୁର ଟାଉନ,୨୧।୯(ଡିଏନଏ):** ବିରଜାକ୍ଷେତ୍ରସ୍ଥିତ ଚିତାଲୋ ମହାବିଦ୍ୟାଳୟରେ ଏକ ମେଗା ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଶିକ୍ଷାନୁଷ୍ଠାନ ପ୍ରତିଷ୍ଠାତା ବଦ୍ରୀ ନାରାୟଣ ରାୟ ଉକ୍ତ ଶିବିରକୁ ଉଦ୍‌ଘାଟନ କରିବା ସହିତ ରକ୍ତଦାନ ଭଳି ଏକ ମହତ କାର୍ଯ୍ୟରେ ସାମିଲ ହେଉଥିବା ଛାତ୍ରୀଛାତ୍ର ଓ ବ୍ୟକ୍ତି ବିଶେଷଙ୍କ ଅବଦାନ ଅତୁଳନୀୟ ବୋଲି କହିଥିଲେ। ମୋଟ ୧୭୫ ୟୁନିଟ୍ ରକ୍ତ ଏହି ଶିବିରରେ ସଂଗ୍ରହ କରାଯାଇଥିଲା। ଜିଲା ରେଡକ୍ରସ ରକ୍ତ ଭଣ୍ଡାର ଅଧିକାରୀ ସଞ୍ଜୀବ ପ୍ରଧାନ, ପ୍ରିୟରଞ୍ଜନ ପତି, ପିଆରଓ ସମର ବିଜୟ ଶରଣ, ଟେକ୍ନିସିଆନ ସୁଶାନ୍ତ ମଲ୍ଲ, ଲଳିତ ସାହୁ, ହୃଷିକେଶ ଜେନା, ତରୁଣ ନାୟକ, ମହେଶ୍ୱର ବେହେରା, କଟକସ୍ଥିତ କେନ୍ଦ୍ରୀୟ ରକ୍ତ ଭଣ୍ଡାରର ଚନ୍ଦ୍ରିକା ପ୍ରସାଦ ଦାସ, ସଂଯୋଜକ ଅବିନାଶ ଦାସ, ଟେକ୍ନିସିଆନ ପ୍ରକାଶ ଜେନା, ତାପସ ମହନ୍ତ ପ୍ରମୁଖ ରକ୍ତ ସଂଗ୍ରହ କାର୍ଯ୍ୟ ତୁଲାଇଥିଲେ। ସେହିଭଳି ଯୁକ୍ତ ୨ କଲେଜର ଅଧକ୍ଷ ଅଜୟ ସ୍ୱାଇଁ, ଡିଗ୍ରୀ କଲେଜ ଅଧକ୍ଷ ଆଦିତ୍ୟ ପ୍ରସାଦ ମଲ୍ଲିକ, ଯୁବ ରେଡକ୍ରସ କାଉନସିଲର ଗିରିଧାରୀ ସାହୁ, ଅଧ୍ୟାପକ ଅନନ୍ତ ସାହୁ, ପ୍ରଦୀପ ମଲ୍ଲିକ, ଶ୍ରୀନିବାସ ମହାନ୍ତି, ପ୍ରବୀର ବରାଳ, ବିଭୁପ୍ରସାଦ ଦାସ, ବଟକୃଷ୍ଣ ଦାସ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ■ମାର୍କଣ୍ଡପୁର ପ୍ୟାକ୍ସରେ ମହାଦୁର୍ନୀତି ମାମଲା

# ପୂର୍ବତନ ସମ୍ପାଦକ, ଡିଇଓ ଦେଲେ ଲିଖିତ ବିବୃତି

**ଯାଜପୁର ଅଫିସ,୨୧।୯**

■ସମ୍ପୃକ୍ତ ଚାଷୀ ପରିବାର ପୁଣି ଅନୁପସ୍ଥିତ

■ଗଡୁଛି ଦିନ, ହେଉନି ଚୂଡାନ୍ତ ରାୟ ପ୍ରକାଶ

ଯାଜପୁର ଜିଲା ମାର୍କଣ୍ଡପୁର ପ୍ରାଥମିକ କୃଷି ସେବା ସମବାୟ ସମିତି(ପାକ୍ସ)ରେ ଏକ ଚାଷୀ ପରିବାରର ୪ ସଦସ୍ୟଙ୍କ ନାମରେ ହୋଇଥିବା ମହାଦୁର୍ନୀତିର ଚୂଡାନ୍ତ ରାୟ ପ୍ରକାଶ ପାଇପାରୁନି। ଶନିବାର ରାଜ୍ୟ ସମବାୟ ସମିତି ନିବନ୍ଧକ (ଆରସିଏସ)ଙ୍କ କାର୍ଯ୍ୟାଳୟରେ ହୋଇଥିବା ଶୁଣାଣି ପୁଣି ଅସମ୍ପୂର୍ଣ୍ଣ ହୋଇଛି। ଯାଜପୁର ସର୍କଲ ସହକାରୀ ନିବନ୍ଧକଙ୍କ ଜରିଆରେ ଆରସିଏସ୍‌ଙ୍କ ନୋଟିସ ସତ୍ତ୍ୱେ ସମ୍ପୃକ୍ତ ଚାଷୀ ପରିବାରର ସଦସ୍ୟମାନେ ଅନୁପସ୍ଥିତ ରହିବାରୁ ଶୁଣାଣି ଅଧାରେ ଅଟକିଛି। ତେବେ ପୂର୍ବତନ ସମ୍ପାଦକ ନବକିଶୋର ପରିଡା ଓ ସହସମ୍ପାଦକ ତଥା ପୂର୍ବତନ ଡିଇଓ (ଡାଟା ଏଣ୍ଟ୍ରି ଅପରେଟର) ବିକ୍ରମଜିତ୍ ଜେନାଙ୍କ ସମେତ ଜିଲା ଯୋଗାଣ ଅଧିକାରୀ ଲିଖିତ ବିବୃତି ଦେଇଥିବା ସୂଚନା ମିଳିଛି। ଏହି ମହାଦୁର୍ନୀତିରେ କିଏ କିଏ ସମ୍ପୃକ୍ତ ଓ ତାଙ୍କ ବିରୋଧରେ କ'ଣ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି ତାହା ଏଯାଏ ଚୂଡାନ୍ତ ହୋଇପାରି ନାହିଁ। ଅନ୍ୟପକ୍ଷେ ଏଥିରେ ସମ୍ପୃକ୍ତ କର୍ମଚାରୀ ଓ ଅଧିକାରୀ ନିଜକୁ ବଞ୍ଚେଇବାକୁ ରାଜନୈତିକ ସହଯୋଗ ନେଉଥିବା ଜଣାପଡିଛି।

ହାଇକୋର୍ଟଙ୍କ ନିର୍ଦ୍ଦେଶ ମୁତାବକ, ଏହି ମହାଦୁର୍ନୀତିର ସମାଧାନ କରିବାକୁ ସେପ୍ଟେମ୍ବର ୭ରେ ଆରସିଏସ୍‌ଙ୍କ କାର୍ଯ୍ୟାଳୟରେ ହୋଇଥିବା ଶୁଣାଣି ଅନୁସାରେ ମାର୍କଣ୍ଡପୁର ପ୍ୟାକ୍ସର ପୂର୍ବତନ ସମ୍ପାଦକ ପରିଡା ଓ ସହକାରୀ ସମ୍ପାଦକ ଜେନାଙ୍କୁ ସମନ ହୋଇଥିଲା। ଏହାସହ ଦୁର୍ନୀତିରେ ସମ୍ପୃକ୍ତ ଚାଷୀ ପରିବାରର ୪ଜଣ ସଦସ୍ୟ ଦିଲୀପ କୁମାର ରାଉତ, କବିତା ରାଉତ, ଦୀପକ କୁମାର ରାଉତ ଓ ସପନ କୁମାର ରାଉତଙ୍କୁ ମଧ୍ୟ ନିଜ ପକ୍ଷ ରଖିବାକୁ ଶେଷଥର ସୁଯୋଗ ଦିଆଯାଇଥିଲା। ଏହିକ୍ରମରେ ୨୧।୯।୨୦୧୯ ଶନିବାର ଅପରାହ୍ନ ସାଢେ ୩ଟାରେ ଆରସିଏସଙ୍କ କାର୍ଯ୍ୟାଳୟରେ ସେମାନଙ୍କୁ ଉପସ୍ଥିତ ରହିବା ପାଇଁ ସମବାୟ ସମିତି(କ୍ରେଡିଟ)ର ଯୁଗ୍ମ ନିବନ୍ଧକ ତାଙ୍କ ପତ୍ରସଂଖ୍ୟା ୧୯୬୯୮, ୧୯୬୯୬/୧୦।୯।୨୦୧୯ରେ ନିର୍ଦ୍ଦେଶ ଦେଇଥିଲେ। ଏହାପରେ ବ୍ୟାଙ୍କ ତଥ୍ୟ ଅନୁସାରେ କେବଳ ୨୦୧୫-୧୬ ଆର୍ଥିକ ବର୍ଷରେ ୧୯ଲକ୍ଷ ୪୬ହଜାର ଟଙ୍କାର ଦୁର୍ନୀତି ଉପରେ ଖୁବଶୀଘ୍ର ପର୍ଦ୍ଦାଫାସ ହେବ ବୋଲି ଆଶା କରାଯାଉଥିଲା। ମାର୍କଣ୍ଡପୁର ପ୍ୟାକ୍ସରେ ୨୦୧୫-୧୬ ଖରିଫ ଧାନକିଣାରେ ମହାପୁରୁଷ ମଣିଦାସ ବିଦ୍ୟାପୀଠରେ ରାତ୍ର ଜଗୁଆଳିଭାବେ କାର୍ଯ୍ୟରତ ଦିଲୀପ କୁମାର ରାଉତ, ତାଙ୍କ ସ୍ତ୍ରୀ କବିତା ଏବଂ ଦୁଇପୁଅ ଦୀପକ ଓ ତପନଙ୍କ ନାମରେ ୧୧୧୨ କୁଇଣ୍ଟାଲ ଧାନ କିଣା ହୋଇଥିଲା। ସେତେବେଳେ ଏକର ପିଛା ୧୨ କୁଇଣ୍ଟାଲ ହିସାବରେ ଏହି ୪ ଚାଷୀଙ୍କ ପ୍ରାୟ ୯୨ ଏକର ଜମି ରହିଥିବା ସ୍ପଷ୍ଟ ହୋଇଥିଲା। ହେଲେ ବାସ୍ତବରେ ଏହି ପରିବାରଙ୍କର ସେତିକି ଜମି ନାହିଁ ବୋଲି ଏଆରସିଏସ୍‌ଙ୍କ ପକ୍ଷରୁ ରିପୋର୍ଟ ଦିଆଯାଇଥିଲା। ଏହି ମହାଘୋଟାଲାର ପର୍ଦ୍ଦାଫାସ ଓ କାର୍ଯ୍ୟାନୁଷ୍ଠାନ ପାଇଁ ମାର୍କଣ୍ଡପୁର ଗ୍ରାମର ରାମଚନ୍ଦ୍ର ଜେନା, ପ୍ରଫୁଲ୍ଲ କୁମାର ଦ୍ୱିବେଦୀ ଓ ଦିଲୀପ କୁମାର ମହାପାତ୍ର, କମଳପୁର ଗ୍ରାମର ଦୟାନିଧି ସାହୁ ଓ ଚୌଧୁରୀ ସତ୍ୟସୁନ୍ଦର ମହାପାତ୍ର ଯାଜପୁର ଜିଲାପାଳଙ୍କ ସମେତ ରାଜ୍ୟ ସମବାୟ ସମିତିର ନିବନ୍ଧକ, ଏଆରସିଏସ୍, ସମବାୟ ମନ୍ତ୍ରୀ ପ୍ରମୁଖଙ୍କ ନିକଟରେ ଅଭିଯୋଗ କରିଥିଲେ। ଅଭିଯୋଗ ଉପରେ ସେତେବେଳେ ତଦନ୍ତ ମଧ୍ୟ ହୋଇଥିଲା। ହେଲେ ତଦନ୍ତ ରିପୋର୍ଟକୁ ଜିଲା ପ୍ରଶାସନ ପକ୍ଷରୁ ସେତେବେଳେ ଚପାଇ ଦିଆଯାଇଥିଲା। ଜିଲା ପ୍ରଶାସନ ପାଖରୁ ନ୍ୟାୟ ନ ପାଇ ଅଭିଯୋଗକାରୀ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଅଭିଯୋଗ ଅନୁସାରେ ହାଇକୋର୍ଟରେ ଡବ୍ଲ୍ୟୁପି(ସି)/୧୪୨୩୧/୨୦୧୮ ନମ୍ବରରେ ଏକ ମାମଲା ରୁଜୁ ହୋଇଥିଲା। ଏହାପରେ ହାଇକୋର୍ଟ ପକ୍ଷରୁ ୧୫।୪।୨୦୧୯ରେ ଆରସିଏସଙ୍କୁ ଆବଶ୍ୟକ ତଦନ୍ତ କରି ୬ ସପ୍ତାହ ମଧ୍ୟରେ ରିପୋର୍ଟ ଦାଖଲ କରିବାକୁ ନିର୍ଦ୍ଦେଶ ହୋଇଥିଲା। ଇତିମଧ୍ୟରେ ପର୍ଯ୍ୟାୟକ୍ରମେ ଏକାଧିକ ଶୁଣାଣି ଶେଷ ହୋଇଛି। ହେଲେ କୌଣସି ସମାଧାନ ହୋଇପାରୁ ନାହିଁ। ଏ ସଂକ୍ରାନ୍ତରେ ଯାଜପୁର ଏଆରସିଏସ ଶରତ ମଲ୍ଲିକଙ୍କୁ ପଚାରିବାରୁ, ଆରସିଏସ କାର୍ଯ୍ୟାଳୟରେ ପୂର୍ବ ନୋଟିସ ଅନୁଯାୟୀ ଶୁଣାଣି ହୋଇଥିଲା। ସମ୍ପୃକ୍ତ କର୍ମଚାରୀ ଓ ଅଧିକରୀଙ୍କ ଲିଖିତ ବିବୃତି ନିଆଯାଇଛି । ତେବେ ସମ୍ପୃକ୍ତ ପରିବାର ଶନିବାର ବି ଅନୁପସ୍ଥିତ ଥିଲେ । କଣ ରାୟ ପ୍ରକାଶ ପାଇବ ତାହା ଆରସିଏସ୍‌ଙ୍କ ହାତରେ ରହିଛି ।

### କର୍କଟ ରୋଗର ନିରାକରଣ ସଚେତନତା କାର୍ଯ୍ୟକ୍ରମ

**ଚଣ୍ଡିଖୋଲ,୨୧।୯(ଡ଼ି.ଏନ.ଏ)**

ଚଣ୍ଡିଖୋଲସ୍ଥିତ ବାବା ଭୈରବାନନ୍ଦ ସ୍ୱୟଂଶାସିତ ମହାବିଦ୍ୟାଳୟ ପରିସରରେ ଶନିବାର କର୍କଟ ରୋଗର କାରଣ ଓ ତାହାର ପ୍ରତିକାର ସମ୍ବନ୍ଧରେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କଳିଙ୍ଗନଗରସ୍ଥିତ ଟାଟା ମେମୋରିଆଲ ଓ ପଣ୍ଡା କର୍କଟ ପ୍ରତିଷ୍ଠାନର ଡାକ୍ତର ରଞ୍ଜିତ କର ଯୋଗଦେଇ କର୍କଟ ରୋଗର କାରଣ ସମ୍ପର୍କରେ ଆଲୋଚନା କରିଥିଲେ। ଛାତ୍ରୀଛାତ୍ରମାନେ ଓଡ଼ିଶାରେ କର୍କଟ ରୋଗର କିପରି ନିରାକରଣ କରାଯାଇ ପାରିବ ସେନେଇ ସେମାନଙ୍କ ଭୂମିକା ଓ କର୍ତ୍ତବ୍ୟ ସମ୍ପର୍କରେ ପରାମର୍ଶ ଦେଇଥିଲେ। ଏହି ରୋଗକୁ କୌଣସି ବ୍ୟକ୍ତି ଭୟ କରିବା ଉଚିତ ନୁହେଁ କିମ୍ବା ରୋଗୀଙ୍କୁ ଘୃଣା କରିବା ଉଚିତ ନୁହେଁ। ଏହାର ସଫଳ ମୁକାବିଲା କରାଯାଇ ପାରିଲେ ରୋଗରୁ ମୁକ୍ତି ମିଳିପାରିବ ବୋଲି ସେ ପ୍ରକାଶ କରିଥିଲେ। ସଚେତନତା କାର୍ଯ୍ୟକ୍ରମକୁ ଅଧ୍ୟକ୍ଷ ବିରେନ୍ଦ୍ର କୁମାର ମିଶ୍ର ଉଦଘାଟନ କରିଥିଲାବେଳେ ମହାବିଦ୍ୟାଳୟର ଜାତୀୟ ସେବା ଯୋଜନା, ସମର ଶିକ୍ଷାର୍ଥୀ ବାହିନୀ ଓ ରେଡକ୍ରସର ଛାତ୍ରୀଛାତ୍ର ଏହି କାର୍ଯ୍ୟକ୍ରମରେ ଭାଗ ନେଇଥିଲେ।

## ଜିଲାର ୨ ମୁଖ୍ୟରାସ୍ତା ମହାତ୍ମା ଗାନ୍ଧୀ ମାର୍ଗ ହେବ



ମହାତ୍ମାଗାନ୍ଧୀଙ୍କ ୧୫୦ବର୍ଷ ଜନ୍ମତିଥି ପାଳନ ନିମନ୍ତେ ଆୟୋଜିତ ପ୍ରସ୍ତୁତି ବୈଠକ ।

**ଯାଜପୁର ଟାଉନ,୨୧।୯(ଡିଏନଏ)**

ଯାଜପୁର ଜିଲାର ୨ଟି ପୌରାଞ୍ଚଳର ମୁଖ୍ୟରାସ୍ତା ମହାତ୍ମାଗାନ୍ଧୀ ମାର୍ଗ ନାମରେ ନାମିତ ହେବାକୁ ଜିଲା ପ୍ରଶାସନ ପକ୍ଷରୁ ସ୍ଥିର କରାଯାଇଛି। ଯାଜପୁର ସହରର ଗୋଖନାଛକଠାରୁ ମେଡିକାଲ ଛକ ପର୍ଯ୍ୟନ୍ତ ଓ ବ୍ୟାସନଗରର ଗୋପବନ୍ଧୁ ଛକଠାରୁ ଚୋରଦା ଛକ ପର୍ଯ୍ୟନ୍ତ ମହାତ୍ମାଗାନ୍ଧୀ ମାର୍ଗ ନାମରେ ନାମିତ ହେବ। ମହାତ୍ମାଗାନ୍ଧୀଙ୍କ ୧୫୦ବର୍ଷ ଜନ୍ମତିଥି ପାଳନ ନିମନ୍ତେ ଏକ ପ୍ରସ୍ତୁତି ବୈଠକ ଜିଲାପାଳ ରଞ୍ଜନ କୁମାର ଦାସଙ୍କ ଅଧ୍ୟକ୍ଷତାରେ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଅକ୍ଟୋବର ୨ ଗାନ୍ଧୀ ଜୟନ୍ତୀକୁ ସ୍ମରଣୀୟ ଭାବେ ଜିଲା ପ୍ରଶାସନ ପାଳନ କରିବା ପାଇଁ ପ୍ରସ୍ତୁତି ଆରମ୍ଭ କରିଛି। ଏଥିପାଇଁ ବ୍ଲକ୍‌ସ୍ତରରୁ ବିଭିନ୍ନ ପ୍ରତିଯୋଗିତା ମାଧ୍ୟମରେ ପିଲାଙ୍କ ପ୍ରତିଭା ଚୟନ ସହ ଗାନ୍ଧୀ ବିଚାରଧାରା ଓ ଆଦର୍ଶକୁ ସାମିଲ କରାଯିବା ପାଇଁ ପ୍ରତିଯୋଗିତାମାନ ଅନୁଷ୍ଠିତ ହୋଇଯାଇଛି। ଏହି କୃତି ପ୍ରତିଯୋଗୀମାନେ ଆସନ୍ତା ୨୭ରେ ଜିଲା ସ୍କୁଲଠାରେ ଜିଲାସ୍ତରୀୟ ପ୍ରତିଯୋଗିତାରେ ଭାଗ ନେବେ। ଶ୍ରେଷ୍ଠ ପ୍ରତିଯୋଗୀଙ୍କୁ ଗାନ୍ଧୀ ଜୟନ୍ତୀ ଦିନ ପୁରସ୍କୃତ କରାଯିବ। ଜିଲାର ସମସ୍ତ ପଞ୍ଚାୟତ, ବ୍ଲକ୍ ଓ ପୌରାଞ୍ଚଳସ୍ତରରେ ଗାନ୍ଧୀ ଜୟନ୍ତୀ ପାଳନ କରାଯିବା ସହ ସାଇକେଲ ଯାତ୍ରା, ଗଣଦୌଡ଼, ଶୋଭାଯାତ୍ରା ଓ ବୃକ୍ଷରୋପଣ ଆଦି କରାଯିବ। ସେହିପରି ଜିଲାସ୍ତରୀୟ ପ୍ରତିଯୋଗିତାର ବିଷୟ ମହାତ୍ମାଗାନ୍ଧୀଙ୍କ ସମ୍ପର୍କରେ ଅନୁଷ୍ଠିତ ହେବବୋଲି ସ୍ଥିର କରାଯାଇଛି। ବୈଠକରେ ଅତିରିକ୍ତ ଜିଲାପାଳ ମିହିର ପ୍ରସାଦ ମହାନ୍ତି, ଉପଜିଲାପାଳ ନାରାୟଣ ଚନ୍ଦ୍ର ଧଳ, ସାମାଜିକ ସୁରକ୍ଷା ଅଧିକାରୀ ଲକ୍ଷ୍ମୀଧର ସାହୁ, ସଂସ୍କୃତି ଅଧିକାରୀ ସନ୍ତୋଷ କୁମାର ସେଠୀଙ୍କ ସମେତ ସଂସ୍କୃତି ପରିଷଦର ସମସ୍ତ ସଭ୍ୟ ଓ ଗାନ୍ଧୀ ୧୫୦ବର୍ଷ କମିଟିର ସଦସ୍ୟମାନେ ଯୋଗଦେଇ ଆଲୋଚନାରେ ଭାଗ ନେଇଥିଲେ।

### ଗୀତା ଜୟନ୍ତୀ ପ୍ରସ୍ତୁତି ବୈଠକ

**ସିଂହପୁର,୨୧।୯(ଡିଏନଏ)**

ବିଞ୍ଝାରପୁର ବ୍ଲକ ଫତେପୁର ପଞ୍ଚାୟତ ନଚ୍ଛିପୁରସ୍ଥିତ ନିଳାଦ୍ରୀ ବିହାର ପରିସରରେ ଶନିବାର ଗୀତା ଜୟନ୍ତୀ ଓ ପୁସ୍ତକ ଉନ୍ମୋଚନ ଉପଲକ୍ଷେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଡିସେମ୍ବର ୮ ତାରିଖ ନିଳାଦ୍ରୀ ବିହାର ପରିସରରେ ଗୀତା ଜ୍ଞାନ ପ୍ରତିଯୋଗିତା ଅନୁଷ୍ଠିତ ହେବ। ଏଥିରେ ବିଦ୍ୟାଳୟ ଓ ମହାବିଦ୍ୟାଳୟସ୍ତରରେ ଛାତ୍ରୀଛାତ୍ରଙ୍କୁ ସାମିଲ କରାଯିବ। ୧୦ ତାରିଖ ଗୀତା ଜୟନ୍ତୀ ଦିନ ନିଳାଦ୍ରୀ ମୂଳ ପତ୍ରିକା ଉନ୍ମୋଚନ କରାଯିବ। ଏଥିସହିତ ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କାର ପ୍ରଦାନ କରାଯିବ। ନିଳାଦ୍ରୀ ବିହାରର ସେବାଧକ୍ଷ ନିରଞ୍ଜନ ଆଚାର୍ଯ୍ୟଙ୍କ ତତ୍ତ୍ୱାବଧାନରେ ଉମେଶ ଚନ୍ଦ୍ର ଦାସଙ୍କ ସଭାପତିତ୍ୱରେ ଅଧ୍ୟାପକ ଶ୍ରୀକାନ୍ତ ନାୟକ, ରତନଲାଲ ଭୂୟାଁ, ଭକ୍ତହରୀ ବିଶ୍ୱାଳ, ସୀମାନ୍ତ ପାତ୍ର, ବ୍ରଜକିଶୋର ସାହୁ, ଗଦାଧର ପଡିହାରୀ ପ୍ରମୁଖ ବୈଠକରେ ଉପସ୍ଥିତ ଥିଲେ।

## 'ଶେଷ ନିଶ୍ୱାସ ପର୍ଯ୍ୟନ୍ତ ସମାଜ ଗଠନରେ ଶିକ୍ଷକଙ୍କ ଭୂମିକା ରହିଥାଏ'

**ରସୁଲପୁର,୨୧।୯(ଡିଏନଏ)**

ରସୁଲପୁର ବ୍ଲକ ଅନ୍ତର୍ଗତ ଲକ୍ଷ୍ମୀନଗର ସାଧନ କେନ୍ଦ୍ର ଅଧୀନ ବୁଲୁମୁକ୍ତା ମଞ୍ଜରୀ ବିଦ୍ୟାପୀଠର ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଗଜେନ୍ଦ୍ର କୁମାର ସାହୁଙ୍କୁ ଶନିବାର ବିଦାୟକାଳୀନ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି । ପହଁଗା ଉନ୍ନୀତ ମଧ୍ୟ ଇଂରାଜୀ ବିଦ୍ୟାଳୟରେ ଅନୁଷ୍ଠିତ ସଭାରେ ଶିକ୍ଷକ ନେତା ବିଜୟ କୁମାର ଭଦ୍ର ଅଧ୍ୟକ୍ଷତା କରିଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ମଦନ ମୋହନ ବେହେରାଙ୍କ ସଞ୍ଚାଳନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ରସୁଲପୁର ମଣ୍ଡଳ ଶିକ୍ଷାଧିକାରୀ ଶାନ୍ତନୁ କୁମାର କର ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶିକ୍ଷକତାର ଅବସର ନାହିଁ। ଜଣେ ଶିକ୍ଷକ ତାର ଶେଷ ନିଶ୍ୱାସ ଥିବା ପର୍ଯ୍ୟନ୍ତ ସମାଜ ଗଠନରେ ନିଜକୁ ନିୟୋଜିତ କରିଥାଏ ବୋଲି ମତ ରଖିଥିଲେ। ସମ୍ମାନିତ ଅତିଥି ଭାବରେ ସାଧନ କେନ୍ଦ୍ର ସଂଯୋଜକ ବିନୋଦ ବିହାରୀ ସାହୁ, ଶିକ୍ଷକ ସତ୍ୟାନନ୍ଦ ଦାସ, ପରିଚାଳନା କମିଟି ଅଧ୍ୟକ୍ଷା ସୁମିତ୍ରା ମଲ୍ଲିକ, ମୁକ୍ତିପ୍ରସାଦ ରଥ, କୃଷ୍ଣ ଚନ୍ଦ୍ର ଓଝା, ରଘୁନାଥ ସାହୁ, ମାଧବ ଚନ୍ଦ୍ର ସାହୁ, କିଶୋର ସାହୁ, ନିରଞ୍ଜନ ସାହୁ, ନାରାୟଣ ରାଉତ ପ୍ରମୁଖ ଯୋଗଦେଇ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକଙ୍କ ଗୁଣଗାନ କରିଥିଲେ। ବିଦ୍ୟାଳୟ ପକ୍ଷରୁ ବିଦାୟୀ ଶିକ୍ଷକଙ୍କୁ ମାନପତ୍ର ଓ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା । ପ୍ରଧାନ ଶିକ୍ଷକ ଶ୍ରୀ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। ବିଦ୍ୟାୟୀ ଶିକ୍ଷକଙ୍କୁ ଏକ ବିରାଟ ପଟୁଆରେ ତାଙ୍କ ବାସଭବନ ପର୍ଯ୍ୟନ୍ତ ଆଣାଯାଇଥିଲା। ଏହି ଅବସରରେ ବିଦ୍ୟାଳୟ ପରିସରରେ ମୁଖ୍ୟ ଅତିଥି ବୃକ୍ଷରୋପଣ କରିଥିଲେ। ଏଥିସହ ବିଦ୍ୟାୟୀ ଶିକ୍ଷକଙ୍କୁ ତାରା ଉପହାର ଦିଆଯାଇଥିଲା।



ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକଙ୍କୁ ବିଦାୟକାଳୀନସମ୍ବର୍ଦ୍ଧନା ଦିଆଯାଉଛି।

### ଯାଜପୁର ଜିଲାରେ ବିଏସ୍‌ଏନ୍‌ଏଲ୍ ସେବା ଠପ୍

## ଜିଏସ୍‌ଟି ରିଟର୍ନ ଦାଖଲ କରି ନ ପାରି ଉପଭୋକ୍ତା ହୀନସ୍ତା

**ଯାଜପୁର ଅଫିସ,୨୧।୯**

କଟକ ବିଏସଏନଏଲ ଅଫିସରେ ଅଗ୍ନିକାଣ୍ଡ ପରେ ଶୁକ୍ରବାରଠାରୁ ଯାଜପୁର ଜିଲାରେ ବିଏସଏନଏଲ ସେବା ଏକ ପ୍ରକାରର ଠପ୍ ହୋଇଯାଇଛି। ଏଥିଯୋଗୁ ଉପଭୋକ୍ତାମାନେ ନାହିଁ ନ ଥିବାର ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଶୁକ୍ରବାର ଥିଲା ମାସିକ ଜିଏସଟି ରିଟର୍ନ ଜିଏସଟିଆର-୩(ବି)ଦାଖଲ କରିବାର ଶେଷ ଦିନ। ଭାଟ ଆକ୍ଟରେ ମାସର ୨୧ ତାରିଖ ରିଟର୍ନ ଦାଖଲର ଶେଷ ଦିବସ ଓ ସର୍ଭିସ ଟ୍ୟାକ୍ସରେ ଏହା ୨୫ ତାରିଖ ଥିବାବେଳେ ଜିଏସ୍‌ଟିରେ ସମୟ ସୀମାକୁ କମାଇ ୨୦ ତାରିଖ ରଖାଯାଇଛି। ଚଳିତ ମାସରେ ଯେଉଁ ବ୍ୟବସାୟୀଙ୍କର ବିଏସ୍‌ଏନ୍‌ଏଲ ନମ୍ବର ଥିଲା, ସେବା ଠପ ହେବା କାରଣରୁ ସେମାନଙ୍କ ମୋବାଇଲକୁ ମେସେଜ୍ ନ ଆସିବା ଫଳରେ ରିଟର୍ନ ଦାଖଲରେ ସମସ୍ୟା ହୋଇଥିଲା। ଜିଏସଟି ପୋର୍ଟାଲରୁ ଜି-ମେଲକୁ ମଧ୍ୟ ଗତ ୫-୬ ଦିନ ପୂର୍ବରୁ ଏ ସଂକ୍ରାନ୍ତରେ ମେସେଜ୍ ମଧ୍ୟ ଆସୁ ନ ଥିଲା। ଫଳତଃ ମୋବାଇଲ ମେସେଜକୁ ହିଁ ନିର୍ଭର କରିବାକୁ ହେଉଥିଲା। ମୋବାଇଲ ନେଟୱାର୍କ ନ ଥିବାରୁ ବହୁ ଜିଏସଟି କରଦାତା ରିଟର୍ଣ୍ଣ ଦାଖଲ କରିପାରି ନ ଥିବା ଜଣାଯାଇଛି। ବିଏସଏନଏଲକୁ ନିର୍ଭରଯୋଗ୍ୟ ଭାବି ଅଧିକାଂଶ ଏହି ସେବାକୁ ଆଦରି ନେଇଛନ୍ତି। ହେଲେ ଏହି ସେବାରେ ଅଧିକାଂଶ ସମୟରେ ବହୁ ତ୍ରୁଟି ପରିଲକ୍ଷିତ ହେଉଛି। ହେଲେ ଗତ ସନ୍ଧ୍ୟାରେ ଜି-ମେଲକୁ ଓଟିପି ମେସେଜ ଆସିଥିଲା। ସେ ବାବଦରେ ଅନେକ ଜାଣିପାରି ନ ଥିବାରୁ ସମସ୍ୟାରେ ପଡ଼ିଥିଲେ। ବିଏସଏନଏଲ ସେବା କଟକ ସର୍କଲରେ ବ୍ୟାହତ ଥିବାରୁ ଓ ଗତ ୫-୬ ଦିନ ଧରି ଜି-ମେଲକୁ ଓଟିପି ଆସୁ ନ ଥିବାରୁ ଏହାର ସମୟ ସୀମାକୁ ଏହିସବୁ ଅଞ୍ଚଳରେ ଘୁଞ୍ଚାଇ ଦେବାକୁ ସାମାଜିକ କର୍ମୀ ଦୁଷ୍ମନ୍ତ କୁମାର ରାଉତ ଦାବି କରିଛନ୍ତି।

## ଜୋନସ୍ତରୀୟ ଭଲିବଲରେ ମୁଗୁପାଳ କଲେଜ ଚାମ୍ପିୟନ



ଖେଳାଳି ଓ କ୍ରୀଡା ଶିକ୍ଷକଙ୍କ ସହିତ କଲେଜର ଅଧ୍ୟାପକମାନେ।

**ରସୁଲପୁର,୨୧।୯(ଡିଏନଏ)**

ରସୁଲପୁର ବ୍ଲକ ଉପେନ୍ଦ୍ରନାଥ ଶାରଦା ମହାବିଦ୍ୟାଳୟ (ମୁଗୁପାଳ କଲେଜ)ର ଭଲିବଲ ଦଳ ଜୋନସ୍ତରୀୟ ଚାମ୍ପିୟନ ହୋଇଛି। ଏହି ଅବସରରେ କଲେଜରୁ ଭଲିବଲ ଦଳରେ ସାମିଲ ହୋଇଥିବା ଖେଳାଳି ଓ କ୍ରୀଡା ଶିକ୍ଷକଙ୍କୁ ମହାବିଦ୍ୟାଳୟ ପକ୍ଷରୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ଏହି ଅବସରରେ ଅନୁଷ୍ଠିତ ସମ୍ବର୍ଦ୍ଧନା ସଭାରେ ଅଧ୍ୟାପକ ସିଦ୍ଧାର୍ଥ ଶଙ୍କର ରଥ ଅଧ୍ୟକ୍ଷତା କରିଥିଲେ। କଲେଜର ଭାରପ୍ରାପ୍ତ ଅଧ୍ୟକ୍ଷ ଶିବଚରଣ ମାଝୀ ଓ ଅନ୍ୟ ଅଧ୍ୟାପିକାଅଧ୍ୟାପକମାନେ ଖେଳାଳିଙ୍କୁ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ। ଏଥିସହ ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ଖେଳାଳିଙ୍କ ସଫଳତା କାମନା କରିଥିଲେ। କ୍ରୀଡା ଶିକ୍ଷକ ଅମରେନ୍ଦ୍ର ସାହୁଙ୍କ କଠିନ ପରିଶ୍ରମ ଓ ଖେଳାଳିଙ୍କ ନିଷ୍ଠା ଯୋଗୁ କଲେଜକୁ ଏହି ସଫଳତା ମିଳିପାରିଛି ବୋଲି ଅଧ୍ୟକ୍ଷ ମାଝି ପ୍ରକାଶ କରିଥିଲେ। କେନ୍ଦ୍ରାପଡା ଜିଲା ପଟ୍ଟାମୁଣ୍ଡାଇ କଲେଜରେ ଚାଲିଥିବା ଜୋନସ୍ତରୀୟ ପ୍ରତିଯୋଗିତାରେ ଏହି କଲେଜ ସେମିଫାଇନାଲରେ ଜଗତପୁର କଲେଜକୁ ହରାଇ ଫାଇନାଲରେ ପ୍ରବେଶ କରିଥିଲା। ଫାଇନାଲ ମ୍ୟାଚରେ କେନ୍ଦ୍ରାପଡା ସ୍ୱୟଂଚାଳିତ କଲେଜକୁ ହରାଇ ଚାମ୍ପିୟନ ଆଖ୍ୟା ଅର୍ଜନ କରିଥିଲା। ଆସନ୍ତା ୨୩ରେ ସାଲେପୁର କଲେଜରେ ୟୁନିଭର୍ସିଟିସ୍ତରୀୟ ପ୍ରତିଯୋଗିତା ଅନୁଷ୍ଠିତ ହେବ। ଏହି ପ୍ରତିଯୋଗିତାରେ ରାଜ୍ୟରୁ ୪ଟି ଜୋନରୁ ଭଲିବଲ ଦଳ ଅଂଶଗ୍ରହଣ କରିବେ। ଏହି ପ୍ରତିଯୋଗିତାରେ ମୁଗୁପାଳ କଲେଜ ଭଲ ପ୍ରଦର୍ଶନ କରିବ ବୋଲି ଆଶାପ୍ରକଟ କରିଛି।

## ■ୟୁରିଆ ସାରର ବ୍ୟାପକ କଳାବଜାର

# ଚାଷୀଙ୍କୁ ଲୁଟୁଛନ୍ତି ବ୍ୟବସାୟୀ

**ଚଣ୍ଡିଖୋଲ,୨୧।୯(ଡି.ଏନ.ଏ)**




■ଦୁଇଗୁଣା ଚଢା ଦରରେ ସାର ବିକ୍ରି କରୁଛନ୍ତି ବ୍ୟବସାୟୀ

■ତଦନ୍ତ କରାଯାଇ କଳାବଜାର ରୋକିବାକୁ ଦାବି

ଧାନ ଚାଷ ପାଇଁ ସାରର ଚାହିଦା ଅଧିକ। ସାର ଚାହିଦାକୁ ଦେଖି ବ୍ୟବସାୟୀମାନେ ଚାଷୀଙ୍କୁ ଦୁଇଗୁଣା ଚଢା ଦରରେ ସାର ବିକ୍ରି କରୁଥିଲାବେଳେ ପ୍ରଶାସନିକ ଅଧିକାରୀମାନେ ଏହା ଦେଖି ନୀରବ ରହିବା ଯୋଗୁ ଚାଷୀମାନେ ଲୁଟର ଶିକାର ହେଉଛନ୍ତି। ଦିନ ଦୁଇ ପ୍ରହରରେ ଧାର୍ଯ୍ୟ ମୂଲ୍ୟଠାରୁ ଦୁଇଗୁଣ ଅଧିକ ଦାମରେ ୟୁରିଆ ସାର ବିକ୍ରୟ କରାଯାଉଥିବା ବେଳେ ଏହି ସାର ବିକ୍ରେତା ମାନେ ବିନା ପଞ୍ଜୀକରଣରେ ଚାଷୀଙ୍କ ପରିବର୍ତ୍ତେ ବ୍ୟବସାୟୀଙ୍କୁ କଳାବଜାରରେ ସାର ବିକ୍ରି କରୁଛନ୍ତି। ଯଦି କୌଣସି ଚାଷୀ ଅଭିଯୋଗ କରୁଛନ୍ତି ତେବେ ତାଙ୍କୁ ସାର ଦିଆଯାଉ ନାହିଁ। ଧାନ ଚାଷର ରୁଆ ସରିଗଲା ପରେ ବିଲ ବଛାବଛି କାର୍ଯ୍ୟରେ ଚାଷୀମାନେ ବ୍ୟସ୍ତ। ଧାନ ଗଛକୁ ସବଳ କରିବା ପାଇଁ ୟୁରିଆ ସାରର ଆବଶ୍ୟକତା ଅଧିକ ରହିଛି। ଏହାକୁ ଦୃଷ୍ଟିରେ ରଖି ବ୍ୟବସାୟୀମାନେ କଳାବଜାରୀ ଆରମ୍ଭ କରିଦେଇଛନ୍ତି। ବଡ଼ଚଣା ବ୍ଲକରେ ଚାଷୀମାନେ ଏହି ସାର ପାଇଁ ସାର ବ୍ୟବସାୟୀଙ୍କ ଦୋକାନ ଗୃହ ଆଗରେ ଲମ୍ବା ଧାଡ଼ି ଲଗାଉଥିଲାବେଳେ ସେମାନେ ସାର ନଥିବା କହି ଚାଷୀଙ୍କୁ ଫେରାଇ ଦେଉଛନ୍ତି। ଏହି ବ୍ଲକରେ ସରକାରୀ ଅଧିସ୍ୱୀକୃତ ସାର ବ୍ୟବସାୟୀ ଭାବେ ଚମ୍ପାପୁର ଅଞ୍ଚଳର ଶଙ୍କର୍ଷଣ ସାମଲ ଏବଂ ବାଲିଚନ୍ଦ୍ରପୁର ଅଞ୍ଚଳର ରାଉତରାୟ ଆଣ୍ଡ ବ୍ରଦର୍ସ ସ୍ୱୀକୃତି ପାଇଛନ୍ତି। ଏହାବାଦ ଚମ୍ପାପୁର ଅଞ୍ଚଳର ସାର ବ୍ୟବସାୟୀ ଛତିଆ ଓ ଚଣ୍ଡିଖୋଲଠାରେ ଦୁଇଜଣ ଖୁଚୁରା ବିକ୍ରେତା କେନ୍ଦ୍ର ଖୋଲିଛନ୍ତି। ସରକାରୀ ହିସାବରେ ୪୫ କିଲୋ ୟୁରିଆ ସାର ବସ୍ତାର ମୂଲ୍ୟ ୨୬୬ଟଙ୍କା ୫୦ପଇସା ଥିଲାବେଳେ ଏହି ସାରକୁ ୪୫୦ଟଙ୍କା ଦରରେ ବିକ୍ରି କରାଯାଉଛି। ତେବେ ଚାଷୀଙ୍କୁ ୪୫୦ଟଙ୍କା ଦରରେ ବିକ୍ରି କରାଯାଉଥିବାବେଳେ ବ୍ୟବସାୟୀଙ୍କୁ ବସ୍ତା ପିଛା ୩୮୦ଟଙ୍କା ଦରରେ ବିକ୍ରି କରୁଥିବା ନେଇ ଅଭିଯୋଗ ଉଠିଛି। ସେହି ସାରକୁ ଡିଲରଙ୍କଠାରୁ ଖୁଚୁରା ବ୍ୟବସାୟୀମାନେ କିଣି ଏହାକୁ ୪୫୦ରୁ ୫୦୦ ଟଙ୍କା ପର୍ଯ୍ୟନ୍ତ ଖୋଲା ବଜାରରେ ବିକ୍ରି କରୁଛନ୍ତି। ସରକାରୀ ହିସାବ ଅନୁଯାୟୀ ଅଗଷ୍ଟ ୨୦ରୁ ସେପ୍ଟେମ୍ବର ୧୯ ମଧ୍ୟରେ ଚମ୍ପାପୁରର ସାର ବ୍ୟବସାୟୀ ୧୫୦ ମେଟ୍ରିକ ଟନ ନାଗାର୍ଜୁନ ୟୁରିଆ ସାର ସରକାରଙ୍କଠାରୁ କିଣିଥିଲାବେଳେ ୨୦ ମେଟ୍ରିକ ଟନ ଇଫ୍‌କୋ ୟୁରିଆ ସାର କିଣିଛନ୍ତି। ଏହା ପରେ ବି ଚାଷୀମାନେ ସେଠାକୁ ଗଲେ ସାର ନ ଥିବା କହି ବ୍ୟବସାୟୀ ଚାଷୀଙ୍କୁ ଫେରାଇ ଦେଉଛନ୍ତି। ତୁରନ୍ତ ଏହାର ତଦନ୍ତ କରାଯିବା ସହ କଳାବଜାରୀ ରୋକିବା ପାଇଁ ଚାଷୀମାନେ ଦାବି କରିଛନ୍ତି। ଏ ସମ୍ପର୍କରେ ଜିଲା କୃଷି ଉପନିର୍ଦ୍ଦେଶକ ଶରତ କୁମାର ପୃଷ୍ଟିଙ୍କୁ ପଚାରିବାରେ, ୟୁରିଆ ସାରର ଅଭାବ ନାହିଁ। ଚଳିତ ବର୍ଷ ଆବଶ୍ୟକ ମୁତାବକ ସାର ଡିଲରମାନେ ନେଇଛନ୍ତି। ତେବେ ପ୍ରତି ବସ୍ତାରେ ଲେଖା ଯାଇଥିବା ଦାମରେ ସେମାନେ ବିକ୍ରୟ କରିବା କଥା। ଯଦି ଏହାଠାରୁ ଅଧିକ ଦାମରେ ବିକ୍ରୟ କରନ୍ତି ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କହିଛନ୍ତି। ଏ ସମ୍ପର୍କରେ ସାର ଡିଲର ଶଙ୍କର୍ଷଣ ସାମଲଙ୍କୁ ପଚାରିବାରେ, ତାଙ୍କ ପାଖରେ ୟୁରିଆ ସାର ନାହିଁ । ତାଙ୍କୁ ଆବଶ୍ୟକତାଠାରୁ କମ୍ ପରିମାଣର ସାର ଦିଆଯାଉଛି ବୋଲି କହିଛନ୍ତି।

## ସଂକ୍ଷେପରେ

### କେନ୍ଦ୍ରାପଡ଼ାରେ ସ୍ଥାପନ ହେବ ପୋକ୍ସୋ କୋର୍ଟ

କେନ୍ଦ୍ରାପଡା ଅଫିସ, ୨୧।୯- ରାଜ୍ୟ ସରକାରଙ୍କ ପକ୍ଷରୁ ୨୪ ସ୍ୱତନ୍ତ୍ର ପୋକ୍ସୋ କୋର୍ଟ ସ୍ଥାପନ ପାଇଁ ଗତ ଶୁକ୍ରବାର ଘୋଷଣା କରାଯାଇଥିଲା । ଏହା କୋର୍ଟ ମଧ୍ୟରୁ କେନ୍ଦ୍ରାପଡାରେ ଗୋଟିଏ ସ୍ଥାପନ ହେବ। ଏସବୁ ସ୍ୱତନ୍ତ୍ର ଫାଷ୍ଟ ଟ୍ରାକ କୋର୍ଟ ଭାବେ କାର୍ଯ୍ୟ କରି ତୁରନ୍ତ ନାବାଳିକା ଓ ନାବାଳକଙ୍କୁ ନ୍ୟାୟ ଦେଇପାରିବ। ସେହି କୋର୍ଟରେ ସେମାନଙ୍କ ପ୍ରତି ହେଉଥିବା ଯୌନ ଉତ୍ପୀଡନ ମାମଲାଗୁଡିକର ତ୍ୱରିତ ବିଚାର କରାଯାଇପାରିବ ବୋଲି ଆଇନମନ୍ତ୍ରୀ ପ୍ରତାପ ଜେନା ସୂଚନା ଦେଇଛନ୍ତି। ୨୦୧୯ ପ୍ରଥମ ତ୍ରୈମାସିକ କୋର୍ଟ ରିପୋର୍ଟ ଅନୁଯାୟୀ, ଜିଲାରେ ଗୋଟିଏ ପୋକ୍ସୋ ମାମଲା ୫ ବର୍ଷ ଧରି ପଡିରହିଥିଲା ବେଳେ ୧୧୯ ମାମଲା ବିଚାରାଧୀନ ରହିଛି । ଏହି ୩ ମାସରେ ୧୦ ନୂତନ ମାମଲା ଆସିଥିବା ବେଳେ ୧୪ଟି ମାମଲାର ଫଇସଲା ହୋଇଛି । ନୂତନ କୋର୍ଟ ସ୍ଥାପନ ଫଳରେ ବହୁ ସମସ୍ୟାର ତୁରନ୍ତ ସମାଧାନ ହୋଇପାରିବ ବୋଲି ବୁଦ୍ଧିଜୀବୀମାନେ ମତ ଦେଇଛନ୍ତି ।

### ବିଦ୍ୟାଳୟ ଗୃହ ନିର୍ମାଣ ଦାବି

**କେନ୍ଦ୍ରାପଡ଼ା ଅଫିସ, ୨୧।୯:** କେନ୍ଦ୍ରାପଡା ବ୍ଲକ ପାଳକଣାସ୍ଥିତ ନିମ୍ବଦାରୁ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଗୃହ ଅସୁରକ୍ଷିତ ଘୋଷଣା ପରେ ଗତ ମାସକ ପୂର୍ବେ ଭଙ୍ଗାଯାଇଛି । ଏହି ଶ୍ରେଣୀ ଗୃହ ତୁରନ୍ତ ନିର୍ମାଣ ଦାବି କରି ପଞ୍ଚାୟତବାସୀ ଜିଲାପାଳଙ୍କୁ ଶନିବାର ଦାବିପତ୍ର ପ୍ରଦାନ କରିଛନ୍ତି । ଏ ସମ୍ପର୍କରେ ଗ୍ରାମର ଚୈତନ୍ୟ ଚରଣ ମଲ୍ଲିକ କୁହନ୍ତି, ଏହି ବିଦ୍ୟାଳୟ ୧୯୯୨ରେ ନିର୍ମାଣ ହୋଇଥିଲା। ୧୯୯୯ ମହାବାତ୍ୟାରେ ଏହା ଦୁର୍ବଳ ହୋଇପଡ଼ିଥିବା ବେଳେ ଗତ ୪ ବର୍ଷ ପୂର୍ବେ ପ୍ରଶାସନ ପକ୍ଷରୁ ଅସୁରକ୍ଷିତ ଘୋଷଣା ହୋଇଥିଲା । ଏଥିପାଇଁ ପ୍ରଶାସନ ପକ୍ଷରୁ ଶ୍ରେଣୀଗୃହ ଭଙ୍ଗାଯାଇଛି । ତେବେ ନୂତନ ଗୃହ ନିର୍ମାଣ ହୋଇ ନ ଥିବାରୁ ନିକଟସ୍ଥ ପାଳକଣା ବିଦ୍ୟାଳୟରେ ଛାତ୍ରୀଛାତ୍ର ପଢ଼ିବାକୁ ବାଧ ହେଉଛନ୍ତି । ତୁରନ୍ତ ଶ୍ରେଣୀ ଗୃହ ନିର୍ମାଣ ନ ହେଲେ ପଞ୍ଚାୟତବାସୀ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି। ଦାବିପତ୍ର ପ୍ରଦାନ ସମୟରେ ପଞ୍ଚାୟତର ଉଦୟନାଥ ନାୟକ, ଅକ୍ଷୟ କୁମାର ପାତ୍ର, ଅଭିରାମ ନାୟକ, ପଦ୍ମଚରଣ ସୂତାର ପ୍ରମୁଖ ସାମିଲ ହୋଇଥିଲେ ।

### ସର୍ବଭାରତୀୟ ସାହିତ୍ୟ ସମ୍ମିଳନୀରେ କବି ହେମନ୍ତ ରାଉତଙ୍କ ଯୋଗଦାନ

**ରାଜନଗର, ୨୧।୯(ଡି.ଏନ୍.ଏ.):** ସର୍ବଭାରତୀୟ ପ୍ରଗତିଶୀଳ ସାହିତ୍ୟ ସମ୍ମିଳନୀ ୩ଦିନ ଧରି ରାଜସ୍ଥାନର ଜୟପୁରଠାରେ ଅନୁଷ୍ଠିତ ହୋଇଯାଇଛି। ଜୟପୁରସ୍ଥିତ ରବୀନ୍ଦ୍ରମଞ୍ଚରେ ଆୟୋଜିତ ଏହି ସାହିତ୍ୟ ସମ୍ମିଳନୀରେ ଓଡିଶାରୁ ୮ଜଣ କବି ଯୋଗଦେଇଥିଲେ। ଭାରତର ମହାନ୍ କବି କାଇଫ୍ ଆଜ୍‌ମୀଙ୍କ ଉଦ୍ଦେଶ୍ୟରେ ସମ୍ମିଳନୀକୁ ଉତ୍ସର୍ଗୀକୃତ କରାଯାଇଥିଲା। ଏହି ଅବସରରେ ଭାରତର ୨୬ ରାଜ୍ୟରୁ ଜଣେ ଲେଖାଁଏ କବିଙ୍କୁ କବିତା ପାଠ କରିବାକୁ ଆମନ୍ତ୍ରଣ କରାଯାଇଥିଲା। ଓଡିଶାରୁ କବି ହେମନ୍ତକୁମାର ରାଉତ ସେଠାରେ କବିତା ପାଠ କରିଥିଲେ। ଲକ୍ଷ୍ନୌ କବି ସଞ୍ଜୟ ଶ୍ରୀବାସ୍ତବ ଏହି ସମ୍ମିଳନୀରେ ସଭାପତିତ୍ୱ କରିଥିଲେ। ଇସକଫ୍‌ର ସର୍ବଭାରତୀୟ ମହାସଚିବ ବିଜୟ କୁମାର ପଢିହାରୀ ଏହାକୁ ସଂଯୋଜନା କରିଥିଲେ। ଏହି ସମ୍ମିଳନୀରେ ୩୦୦୦ରୁ ଉର୍ଦ୍ଧ୍ୱ ପ୍ରତିନିଧି ଯୋଗଦେଇଥିଲେ।

### ଭାଜପା ପକ୍ଷରୁ ସଫେଇ କାର୍ଯ୍ୟକ୍ରମ

**ରାଜକନିକା,୨୧।୯(ଡି.ଏନ୍.ଏ.):** ଭାଜପା ପକ୍ଷରୁ ରାଜକନିକାସ୍ଥିତ କଣ୍ଟପଡା ବଜାରରେ ଏକ ସଫେଇ କାର୍ଯ୍ୟକ୍ରମ ଶନିବାର ସେବା ସପ୍ତାହ ପାଳନ ଅବସରରେ ଅନୁଷ୍ଠିତ ହୋଇଯାଇଛି । ବରିଷ୍ଠ ଭାଜପା ନେତା ତଥା ପୂର୍ବତନ ବିଧାୟକ ଦୋଳ ଗୋବିନ୍ଦ ନାୟକ ଏହାକୁ ଉଦ୍‌ଘାଟନ କରିଥିଲେ। କାର୍ଯ୍ୟକ୍ରମର ଜିଲା ସଂଯୋଜକ ବ୍ରଜସୁନ୍ଦର ଭୂୟାଁଙ୍କ ନେତୃତ୍ୱରେ ବହୁ କର୍ମକର୍ତ୍ତା ଏଥିରେ ଯୋଗଦେଇ କଣ୍ଟପଡା ହାଟ ସଫା କରିଥିଲେ । କାର୍ଯ୍ୟକ୍ରମରେ ଜିଲା ଉପସଭାପତି ଭକ୍ତବନ୍ଧୁ ମିଶ୍ର, ରଶ୍ମିରଞ୍ଜନ ବେଉରିଆ, କରୁଣାକର ତ୍ରିପାଠୀ, ଅକ୍ଷୟ ଦାସ ଓ ଜିଲା ମହିଳା ମୋର୍ଚ୍ଚା ସଭାପତି ପ୍ରିୟଦର୍ଶିନୀ ନନ୍ଦ ପ୍ରମୁଖ ଯୋଗଦେଇଥିଲେ । ଏହାକୁ ଜିଲା କାର୍ଯ୍ୟକାରିଣୀ ସଦସ୍ୟ ବାଦଲ ନନ୍ଦ, ମନୋଜ ସେନାପତି , ଭରତ ଚନ୍ଦ୍ର ବାରିକ ଓ ରାଜେନ୍ଦ୍ର ବେହେରା ପ୍ରମୁଖ ପରିଚାଳନା କରିଥିଲେ ।

■ ମାହାଳହାଟ-ସାନନୟନପୁର ରାସ୍ତା ଶୋଚନୀୟ

# ଆନ୍ଦୋଳନକୁ ଓହ୍ଲାଇବେ ଦ୍ୱୀପାଞ୍ଚଳବାସୀ

**ପାଟକୁରା,୨୧।୯(ଡି.ଏନ.ଏ.)**



ରାସ୍ତା ସମସ୍ୟା ସମ୍ପର୍କରେ ବିଭିନ୍ନ ସଙ୍ଗଠନ ପକ୍ଷରୁ ଆଲୋଚନା କରାଯାଉଛି।

ମହାନଦୀ ଉତ୍ତରପାର୍ଶ୍ୱ ନଦୀବନ୍ଧର ମାହାଳହାଟଠାରୁ ସାନନୟନପୁର ରାସ୍ତାଟି କେନ୍ଦ୍ରାପଡ଼ା, କଟକ ଓ ଜଗତ୍‌ସିଂହପୁର ଜିଲାର ଦ୍ୱୀପାଞ୍ଚଳରେ ଅବସ୍ଥିତ ପ୍ରାୟ ୫୦ ଗ୍ରାମର ପ୍ରବେଶ ପଥ। ହେଲେ ଦୀର୍ଘଦିନ ହେବ ଏହି ରାସ୍ତାର ଅବସ୍ଥା ସୁଧୁରୁନାହିଁ। ମହାନଦୀ ଚିତ୍ରୋତ୍ପଳା ଦ୍ୱୀପାଞ୍ଚଳର ଏହା ପ୍ରବେଶ ପଥ ହୋଇଥିବାରୁ ୩ଜିଲାର ଶହଶହ ବାଇକ୍, କାର, ବସ୍ , ଟ୍ରକ୍ ଓ ଟ୍ରାକ୍ଟର ଏହି ରାସ୍ତାରେ ଯାତାୟାତ କରୁଛି। ହେଲେ ରାସ୍ତା ମରାମତି ହେଉ ନ ଥିବାରୁ ଘୋର ସମସ୍ୟା ସୃଷ୍ଟି ହୋଇଛି। ଏହି ୪ କିମି ରାସ୍ତାକୁ ପ୍ରତ୍ୟେକ ବର୍ଷ ମରାମତି କରାଯାଉଛି। ଏଥିପାଇଁ ପ୍ରତି ବର୍ଷ ପ୍ରାୟ ୨୦ ଲକ୍ଷ ଟଙ୍କା ବ୍ୟୟ କରାଯାଉଛି। ହେଲେ ନିମ୍ନମାନର କାର୍ଯ୍ୟ ଯୋଗୁ ତାହା ୪ ମାସ ଯାଉନାହିଁ। ଫଳରେ ଲୋକେ ଦୀର୍ଘଦିନ ଧରି ସମସ୍ୟା ଭୋଗ କରୁଛନ୍ତି। ଜନସାଧାରଣ ଯେତେ ଅଭିଯୋଗ କଲେ ମଧ୍ୟ ବିଭାଗୀୟ କର୍ତ୍ତୃପକ୍ଷ କର୍ଣ୍ଣପାତ କରୁ ନ ଥିବାରୁ ଏବେ ଆନ୍ଦୋଳନ କରିବାକୁ ଅଣ୍ଟା ଭିଡ଼ିଛନ୍ତି।

ଏହିକ୍ରମରେ ମହାନଦୀ ଚିତ୍ରୋତ୍ପଳା ଦ୍ୱୀପାଞ୍ଚଳରେ ଅବସ୍ଥିତ ୩ ଜିଲାର ସଚେତନ ନାଗରିକ, ବୁଦ୍ଧିଜିବୀ ଓ ରାଜନୈତିକ ବ୍ୟକ୍ତିଙ୍କୁ ନେଇ ମାହାଳହାଟଠାରେ ଏକ ବୈଠକ ହୋଇଥିଲା। ଦ୍ୱୀପାଞ୍ଚଳ ଉନ୍ନୟନ ପରିଷଦ ଅଧ୍ୟକ୍ଷ ପୀତାମ୍ବର ପରିଜାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ତେଣ୍ଡାକୁଡ଼ାର ରବୀନ୍ଦ୍ର ନାଥ ମହାନ୍ତି, ବିଶନପୁର ସରପଞ୍ଚ ବସନ୍ତ ମହାପାତ୍ର, ପଳସୁଧା ସରପଞ୍ଚ ଅନୁଜ ମହାନ୍ତି, କନିମୂଳ ସରପଞ୍ଚ ଦେବଦୂତି ପୃଷ୍ଟି, ରବୀନ୍ଦ୍ର ମହାପାତ୍ର, ଦାଇଁଲୋ ସରପଞ୍ଚ ଧନଞ୍ଜୟ ସୂତାର, କୃଷ୍ଣାନନ୍ଦପୁର ସରପଞ୍ଚ ଗୋଲକ ବିହାରୀ ଜେନା, ବନ୍ତଳା ସରପଞ୍ଚ ରମାକାନ୍ତ ସାହୁ, ପ୍ରଫୁଲ୍ଲ ସିଂ, ଯୁବନେତା ଇଂ ଜଗଦୀଶ ପାଣି, ଲକ୍ଷ୍ମୀକାନ୍ତ ଦାଶ ପ୍ରମୁଖ ଶତାଧିକ ବ୍ୟକ୍ତି ଯୋଗଦେଇ ରାସ୍ତା ମରାମତି ଦିଗରେ ଆଲୋଚନା କରିଥିଲେ।

■ ଦୁର୍ଦ୍ଦଶା ଭୋଗୁଛନ୍ତି ୩ ଜିଲାର ଦ୍ୱୀପାଞ୍ଚଳବାସୀ
■ ପ୍ରତିବର୍ଷ ମରାମତି ହେଉଥିଲେ ବି ସୁଧୁରୁନି
■ ଯାତାୟାତରେ ଘୋର ସମସ୍ୟା

ବୈଠକରେ ଏକ ଷ୍ଟିଅରିଂ କମିଟି ଗଠନ କରାଯାଇଥିଲା। ଏହି କମଟି ରାସ୍ତା ମରାମତି ନେଇ ୩ ଜିଲାର ଜିଲାପାଳ, ଏମ୍‌ପି, କଟକ ସଦର, ପାଟକୁରା, ଜଗତ୍‌ସିଂହପୁର ବିଧାୟକ, ମୁଖ୍ୟମନ୍ତ୍ରୀ, ବିଭାଗୀୟ ମନ୍ତ୍ରୀ ଓ ବିଭାଗୀୟ ଯନ୍ତ୍ରୀଙ୍କୁ ଜଣାଇବ। ୭ଦିନ ମଧ୍ୟରେ ପ୍ରଶାସନ ଯଦି ପଦକ୍ଷେପ ଗ୍ରହଣ ନ କରିବ ତେବେ ସେମାନେ ତାରପୁର ବାଇପାସଠାରେ କଟକ-ପାରାଦୀପ ରାଜ୍ୟ ରାଜପଥ ଅବରୋଧ କରି ଆନ୍ଦୋଳନ କରିବେ ବୋଲି ଚେତାବନୀ ଦେଇଛନ୍ତି।

ସୂଚନାଯୋଗ୍ୟ, ମାର୍ଚ୍ଚ ୧୮ରେ ତେଣ୍ଡାକୁଡ଼ାଠାରେ ଥିବା ଫଜଲହକ୍ ହାଇସ୍କୁଲ ପ୍ଲାଟିନମ ଜୁବୁଲି ଉତ୍ସବରେ ଯୋଗଦେବାକୁ ରାଜ୍ୟପାଳ ଆସିଥିଲେ। ଫଳରେ ଏହି ସମୟରେ ରାସ୍ତା ମରାମତି କରାଯାଇଥିଲା। ହେଲେ ତାହା ୪ ମାସ ଗଲାନାହିଁ। ବର୍ତ୍ତମାନ ଏହି ରାସ୍ତାରେ ଖାଲଖମାରେ ଭର୍ତ୍ତିହୋଇଛି।

## ଭିତରକନିକାରୁ ବୋଟ୍ ଜବତ, ୩ ମତ୍ସ୍ୟଜୀବୀ ଗିରଫ

**ରାଜନଗର, ୨୧।୯(ଡି.ଏନ୍.ଏ.)**



ଗିରଫ ମତ୍ସ୍ୟଜୀବୀ ଓ ବନ କର୍ମଚାରୀ।

ରାଜନଗର ବ୍ଲକ ଅନ୍ତର୍ଗତ ଭିତରକନିକା ଜାତୀୟଉଦ୍ୟାନ ମଧ୍ୟରେ ପ୍ରବାହିତ ବ୍ରାହ୍ମଣୀ ନଦୀରୁ ବେଆଇନ ଭାବେ ମାଛ ଧରୁଥିବା ବେଳେ ଶନିବାର ୩ଜଣ ମତ୍ସ୍ୟଜୀବୀଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି। ସେମାନେ ହେଲେ ରାଜକନିକା ବ୍ଲକ ଅନ୍ତର୍ଗତ ଗଜରାଜପୁର ଗାଁର ଉମାକାନ୍ତ ମଲ୍ଲିକ, କମଳାକାନ୍ତ ମଲ୍ଲିକ, ବାବୁଲି ମଲ୍ଲିକ। ସେମାନେ ଏକ ଯନ୍ତ୍ରଚାଳିତ ବୋଟ ସାହାଯ୍ୟରେ ବ୍ରାହ୍ମଣୀନଦୀର ଦୁର୍ଗାପ୍ରସାଦଡିଆ ନିକଟରେ ମନଫିଲ ଜାଲ ବସାଇ ମାଛ ଧରୁଥିଲେ। କୌଣସି ସୂତ୍ରରୁ ଖବରପାଇ ବନବିଭାଗ ପାଟ୍ରୋଲିଂ ଟିମ ପକ୍ଷରୁ ସେଠାରେ ଚଢ଼ାଉ କରାଯାଇଥିଲା। ବନାଞ୍ଚଳ ଅଧିକାରୀ ବିଜୟ କୁମାର ପାତ୍ରଙ୍କ ନେତୃତ୍ୱରେ ବନ କର୍ମଚାରୀ ହେମନ୍ତ ପାଣିଗ୍ରାହୀ, ସୁନିଲ ରଞ୍ଜନ ରାଉତରାୟ, ନିରାକାର ବେହେରା, ନଟବର କୁଅଁର ପ୍ରମୁଖ ଏଥିରେ ସାମିଲ ହୋଇଥିଲେ। ସେମାନଙ୍କ ନିକଟରୁ ଜାଲ, କଟୁରୀ ଓ ବୋଟ ଜବତ କରାଯାଇଛି। ଏନେଇ କନିକା ରେଞ୍ଜ କାର୍ଯ୍ୟାଳୟରେ ମାମଲା (ନଂ.୮୬/୧୯) ରୁଜୁ କରାଯାଇଛି।

## ୧୩ରୁ ଗଜଲକ୍ଷ୍ମୀ ପୂଜା

**କେନ୍ଦ୍ରାପଡା ଅଫିସ, ୨୧।୯**

କେନ୍ଦ୍ରାପଡ଼ା ଜିଲାର ଗଣପର୍ବ ଗଜଲକ୍ଷ୍ମୀ ପୂଜା । ଆସନ୍ତା ଅକ୍ଟୋବର ୧୩ରୁ ଏହି ପୂଜା ଆରମ୍ଭ ହୋଇ ୨୦ପର୍ଯ୍ୟନ୍ତ ଚାଲିବ । ଏହି ସମୟରେ ଜିଲା ସାରା ଉତ୍ସବର ମାହୋଲ ରହିବ । ପୂଜାବେଳେ ଶାନ୍ତି ଶୃଙ୍ଖଳାଠାରୁ ଆରମ୍ଭ କରି ସାମାଜିକ ସୁରକ୍ଷା ଆଦିକୁ ଦୃଷ୍ଟିରୁ ଜିଲା ପ୍ରଶାସନ ଓ ପୂଜା କମିଟି କର୍ମକର୍ତ୍ତାଙ୍କ ଦ୍ୱାରା ଏକ ସମନ୍ୱୟ କମିଟି ଗଠନ କରାଯାଇଛି। ଏନେଇ ଶନିବାର ଜିଲାପାଳଙ୍କ କାର୍ଯ୍ୟାଳୟରେ ଅନୁଷ୍ଠିତ ବୈଠକରେ ଜିଲାପାଳ ସମର୍ଥ ବର୍ମା ଅଧ୍ୟକ୍ଷତା କରିଥିଲେ । ଏହି ଅବସରରେ ଭସାଣିକୁ ୩ ଦିନ ପରିବର୍ତ୍ତେ ୨ ଦିନରେ ସିମିତ ରଖିବାକୁ ନିଷ୍ପତ୍ତି ହୋଇଥିଲା । ସେହିପରି ଡାକବାଜି ଯନ୍ତ୍ର ଓ ଅନ୍ୟାନ୍ୟ ଆନୁଷଙ୍ଗିକ ବ୍ୟବସ୍ଥା ପାଇଁ ପ୍ରଶାସନର ଅନୁମତି ଆବଶ୍ୟକ ବୋଲି ବୈଠକରେ ଘୋଷଣା କରାଯାଇଥିଲା । ଡିଜେ ବନ୍ଦ ସହ ପରିବେଶ, ପରିମଳ ସୁସ୍ଥ ପାଇଁ ପ୍ଲାଷ୍ଟିକର ବ୍ୟବହାରକୁ ନିଷିଦ୍ଧ କରିବା ଲାଗି ସ୍ଥିର କରାଯାଇଥିଲା । ବୈଠକରେ ଟ୍ରାଫିକ ବ୍ୟବସ୍ଥା, ପୂଜା ମଣ୍ଡପରେ ସିସିଟିଭିର ପ୍ରୟୋଗ ଓ ଅନ୍ୟାନ୍ୟ ଆନୁଷଙ୍ଗିକ ବ୍ୟବସ୍ଥା ପାଇଁ ନିଷ୍ପତ୍ତି ନିଆଯାଇଥିଲା । ଅନ୍ୟମାନଙ୍କ ମଧ୍ୟରେ ଏହି ବୈଠକରେ ଏସ୍‌ପି ନୀତିଶେଖର, ଏଏସପି ଗାଗାରିନ ମହାନ୍ତି, ଉପଜିଲାପାଳ ଜ୍ୟୋତିରଞ୍ଜନ ମହାପାତ୍ରଙ୍କ ସମେତ ସହରର ବିଭିନ୍ନ ପୂଜା କମିଟି କର୍ମକର୍ତ୍ତା ଆଲୋଚନାରେ ଭାଗ ନେଇଥିଲେ ।

## ଛାତ୍ରଙ୍କୁ ନିର୍ଯାତନା ମାମଲାର ପ୍ରଶାସନିକ ତଦନ୍ତ

**ଡେରାବିଶ ୨୧।୯(ସ୍ୱ.ପ୍ର.)**

ଡେରାବିଶ ବ୍ଲକ ହରିଅଙ୍କ ପଞ୍ଚାୟତସ୍ଥିତ ହରିଅଙ୍କ ନେତାଳ ହାଇସ୍କୁଲର ଜଣେ ଦଳିତ ଛାତ୍ରଙ୍କୁ ସେହି ସ୍କୁଲ ଶିକ୍ଷକ ମାଡ଼ ମାରିବା ସହ ଅସଦାଚରଣ କରିଥିବା ଅଭିଯୋଗର ପ୍ରଶାସନିକ ତଦନ୍ତ ଶନିବାର ଆରମ୍ଭ ହୋଇଛି। ଜିଲା ଶିକ୍ଷାଧିକାରୀ କଳ୍ପନା ବେହେରା, ବିଡ଼ିଓ ଗୋପବନ୍ଧୁ ଭୋସାଗର ବ୍ଲକ ଶିକ୍ଷାଧିକାରୀ ଅକ୍ଷୟ କୁମାର ସ୍ୱାଇଁ ଓ ସିଆରସିସି ପୀତବାସ ପଣ୍ଡା ପ୍ରମୁଖ ବିଦ୍ୟାଳୟକୁ ଆସି ଏହି ତଦନ୍ତ କରିଛନ୍ତି । ତଦନ୍ତ ରିପୋର୍ଟ ଜିଲାପାଳଙ୍କୁ ପ୍ରଦାନ କରାଯିବ ବୋଲି ସେମାନେ କହିଛନ୍ତି। ସୂଚନାଯୋଗ୍ୟ, ଏହି ବିଦ୍ୟାଳୟର ଜଣେ ଅଷ୍ଟମ ଶ୍ରେଣୀର ଛାତ୍ରଙ୍କୁ ଗତ ଶନିବାର ମନୋଜ ବେତରେ ମାରିବ ସହ ଅସଦାଚରଣ କରିଥିବା ଅଭିଯୋଗ ହୋଇଥିଲା। ଏନେଇ ଜିଲା ଶିକ୍ଷାଧିକାରୀ ଓ ଶିଶୁ ସୁରକ୍ଷା ଅଧିକାରୀଙ୍କୁ ପ୍ରଧାନ ଶିକ୍ଷକ ରିପୋର୍ଟ ପ୍ରଦାନ କରିଥିଲେ। ଖବରପାଇ ଜିଲାପାଳ ସମର୍ଥ ବର୍ମା ଘଟଣାର ତୁରନ୍ତ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ନେବାକୁ ନିର୍ଦ୍ଦେଶ କରିଥିଲେ। ପରେ ରିପୋର୍ଟକୁ ଆଧାରକରି ଜିଲା ଶିକ୍ଷାଧିକାରୀ ଗତ ୧୮ ତାରିଖରେ ସମ୍ପୃକ୍ତ ଶିକ୍ଷକଙ୍କୁ କାର୍ଯ୍ୟରୁ ନିଲମ୍ବନ କରି ଦେଇଥିଲେ। ଏହି ନିଲମ୍ବନ ପ୍ରତ୍ୟାହାର ଦାବିରେ କିଛି ବ୍ୟକ୍ତି ଶୁକ୍ରବାର ସ୍କୁଲରେ ତାଲା ପକାଇ ରାସ୍ତାରେ ଧାରଣା ଦେଇଥିଲେ। ଏବେ ଏହି ଘଟଣାର ତଦନ୍ତ ଆରମ୍ଭ ହୋଇଛି।

## ଏଇ ସପ୍ତାହର କାର୍ଯ୍ୟକ୍ରମ

**୨୨।୯।୨୦୧୯ (ରବିବାର)**

■ ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଂଘର ମାଗଣା ଚିକିତ୍ସା ଶିବିର। **ସ୍ଥାନ**–ଟାଉନ ହଲ, କେନ୍ଦ୍ରାପଡ଼ା, **ସମୟ**– ପୂର୍ବାହ୍ନ ୭ଟା।

■ ପୀର ବାବାଙ୍କ ଜୟନ୍ତୀ ଉତ୍ସବ। **ସ୍ଥାନ**–କୋର୍ଟ ପରିସର, କେନ୍ଦ୍ରାପଡ଼ା, **ସମୟ**– ପୂର୍ବାହ୍ନ ୬ଟା।

**୨୩।୯।୨୦୧୯ (ସୋମବାର)**

■ ପ୍ରଶାସନିକ ଜନଶୁଣାଣି ଶିବିର। **ସ୍ଥାନ**–ବ୍ଲକ କାର୍ଯ୍ୟାଳୟ, ପଟ୍ଟାମୁଣ୍ଡାଇ, **ସମୟ**– ପୂର୍ବାହ୍ନ ୧୦ଟା।

■ ବ୍ଲକସ୍ତରୀୟ ବାସଗୃହ ଯୋଜନା କାର୍ଯ୍ୟାଦେଶ ବଣ୍ଟନ ମେଳା। **ସ୍ଥାନ**–ବ୍ଲକ କାର୍ଯ୍ୟାଳୟ, ପଟ୍ଟାମୁଣ୍ଡାଇ, **ସମୟ**– ପୂର୍ବାହ୍ନ ୧୦ଟା।

**୨୪।୯।୨୦୧୯ (ମଙ୍ଗଳବାର)**

■ ସ୍ୱାମୀ ଚିଦାନନ୍ଦ ସରସ୍ୱତୀଙ୍କ ଜୟନ୍ତୀ ଉତ୍ସବ। **ସ୍ଥାନ**–ଶିବାନନ୍ଦ ଆଶ୍ରମ, ଗରାପୁର, କେନ୍ଦ୍ରାପଡା, **ସମୟ**– ପୂର୍ବାହ୍ନ ୬ଟା।

■ ବ୍ଲକ ଅଞ୍ଚଳର ଉନ୍ନୟନ ସମୀକ୍ଷା ବୈଠକ। **ସ୍ଥାନ**–ବ୍ଲକ କାର୍ଯ୍ୟାଳୟ, ଡେରାବିଶ, **ସମୟ**– ପୂର୍ବାହ୍ନ ୧୦ଟା।

**୨୬।୯।୨୦୧୯ (ଗୁରୁବାର)**

■ ଗାନ୍ଧି ପଦଯାତ୍ରା ପାଇଁ ପ୍ରସ୍ତୁତି ବୈଠକ। **ସ୍ଥାନ**– ଗରାପୁର ଡାକବଙ୍ଗଳା, କେନ୍ଦ୍ରାପଡା, **ସମୟ**–ଅପରାହ୍ନ ୩ଟା।

**୨୭।୯।୨୦୧୯ (ଶୁକ୍ରବାର)**

■ ଜିଲାସ୍ତରୀୟ ବିଶ୍ୱ ପର୍ଯ୍ୟଟନ ଦିବସ ପାଳନ। **ସ୍ଥାନ**– ଇଚ୍ଛାପୁର ହାଇସ୍କୁଲ, କେନ୍ଦ୍ରାପଡ଼ା, **ସମୟ**– ପୂର୍ବାହ୍ନ ୬ଟା।

**୨୮।୯।୨୦୧୯ (ଶନିବାର)**

■ ରାଧାନାଥ ଜୟନ୍ତୀ ପାଳନ। **ସ୍ଥାନ**– ପ୍ରେସ କ୍ଲବ, କେନ୍ଦ୍ରାପଡା, **ସମୟ**– ପୂର୍ବାହ୍ନ ୧୦ଟା।

| ସ୍ଥାନ | ଖବରଦାତାଙ୍କ ନାମ | ମୋବାଇଲ ନମ୍ବର |
|---|---|---|
| କେନ୍ଦ୍ରାପଡା ଅଫିସ | ଜଗନ୍ନାଥ ଧଳ | ୭୩୭୭୩୧୩୧୮୦ |
| ରାଜନଗର | ଭାସ୍କର ରାଉତରାୟ | ୯୪୩୭୫୦୬୪୮୪ |
| ଆଳି | ବନମାଳି ସେନାପତି | ୯୧୭୮୮୯୯୬୨୬ |
| ପଟ୍ଟାମୁଣ୍ଡାଇ | ଅକ୍ଷୟ ବିଶ୍ୱାଳ | ୯୦୯୦୮୨୪୨୦୦ |
| ପାଟକୁରା | ରବୀନ୍ଦ୍ର ବାରିକ | ୯୯୩୭୫୧୯୯୭୩ |
| ମାର୍ଶାଘାଇ | ଅକ୍ଷୟ ଜେନା | ୯୯୩୮୭୪୪୮୪୨ |
| ରାଜକନିକା | ରବୀନ୍ଦ୍ର ଦାସ | ୮୯୦୮୬୦୬୪୬୦ |
| ଡେରାବିଶ | ବେବର୍ତ୍ତା ଅଜୟ ଦାସ | ୯୬୬୮୫୩୭୬୬୦ |
| ମହାକାଳପଡା | ପ୍ରତାପ ଚନ୍ଦ୍ର ସ୍ୱାଇଁ | ୯୪୩୯୯୬୮୮୦୦ |

ଏଇ ସପ୍ତାହର କାର୍ଯ୍ୟକ୍ରମ ସ୍ତମ୍ଭରେ ଯଦି କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଛନ୍ତି ତେବେ ନିକଟସ୍ଥ ଧରିତ୍ରୀ ପ୍ରତିନିଧିଙ୍କ ସହ ଉପରୋକ୍ତ ମୋବାଇଲ୍ ନମ୍ବରରେ ଯୋଗାଯୋଗ କରନ୍ତୁ।

## ମଦ ଦୋକାନ ଟେଣ୍ଡର ବାତିଲ ଦାବି



ଜିଲାପାଳଙ୍କ କାର୍ଯ୍ୟାଳୟରେ ମହିଳା ଗୋଷ୍ଠୀ ସଦସ୍ୟାମାନେ।

**କେନ୍ଦ୍ରାପଡା ଅଫିସ, ୨୧।୯**

କେନ୍ଦ୍ରାପଡା ବ୍ଲକ ଶ୍ୟାମସୁନ୍ଦରପୁର ଠାରେ ମଦ ବ୍ୟବସାୟ ପାଇଁ ପ୍ରଶାସନ ପକ୍ଷରୁ ଗତ ୧୬ ତାରିଖରେ ଟେଣ୍ଡର ଆହ୍ୱାନ କରାଯାଇଛି । ଏହି ଟେଣ୍ଡର ବାତିଲ କରିବା ପାଇଁ ଗ୍ରାମବାସୀ ଶନିବାର ଦାବି କରିଛନ୍ତି । ଏସମ୍ପର୍କରେ ମହିଳା ଗୋଷ୍ଠୀ କର୍ମକର୍ତ୍ତା ଦ୍ରୌପଦୀ ରାଉତ କୁହନ୍ତି, ବିଗତ ଦିନରେ ଏହି ମଦ ଦୋକାନ ବନ୍ଦ ପାଇଁ ଆନ୍ଦୋଳନ କରାଯାଇଥିଲା। ଏଥିଯୋଗୁ ଦୀର୍ଘଦିନ ହେବ ଦୋକାନ ବନ୍ଦ ରହିଛି । ପୁନର୍ବାର ମଦଦୋକାନ ଖୋଲାଗଲେ ସ୍ଥାନୀୟ ଅଞ୍ଚଳରେ ଆଇନ ଶୃଙ୍ଖଳା ପରିସ୍ଥିତି ସୃଷ୍ଟି ହେବ ବୋଲି ରାଉତ କହିଛନ୍ତି । ଏନେଇ ଶତାଧିକ ମହିଳାଙ୍କ ଦସ୍ତଖତ ସମ୍ବଳିତ ଏକ ଦାବିପତ୍ର ଜିଲାପାଳଙ୍କୁ ପ୍ରଦାନ କରାଯାଇଥିଲା।

■ ମଣ୍ଡଳ ଓଷ୍ଟା ସଂଘର ସାମ୍ବିଧାନିକ ସମ୍ମିଳନୀ

## ଶିକ୍ଷକମାନଙ୍କ ସମସ୍ୟା ଉପରେ ଗୁରୁତ୍ୱ

**ରାଜକନିକା, ୨୧।୯ (ଡି.ଏନ.ଏ)**

ରାଜକନିକା ମଣ୍ଡଳ ଓଷ୍ଟା ସଂଘର ସାମ୍ବିଧାନିକ ସମ୍ମିଳନୀ ଶନିବାର ଓଳାଭର ବାଳିକା ଉଚ୍ଚ ବିଦ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି । ରାଜ୍ୟ ଓଷ୍ଟା ସଂଘର ପ୍ରାକ୍ତନ ସମ୍ପାଦକ ତ୍ରୈଲୋକ୍ୟ ନାଥ ସ୍ୱାଇଁ ଏହାକୁ ଉଦ୍‌ଘାଟନ କରିଥିଲେ। ରାଜକନିକା ମଣ୍ଡଳ ଶାଖାର ସଭାପତି ଲକ୍ଷ୍ମୀଧର ମିଶ୍ରଙ୍କ ପୌରୋହିତ୍ୟରେ ଆୟୋଜିତ ଏହି ସମ୍ମିଳନୀରେ ମୁଖ୍ୟଅତିଥିଭାବେ କେନ୍ଦ୍ରାପଡା ଜିଲା ଓଷ୍ଟା ସଂଘର ସମ୍ପାଦକ ତପନ କୁମାର ସିଂହ ଓ ମୁଖ୍ୟବକ୍ତାଭାବେ କେନ୍ଦ୍ରାପଡା ଜିଲା ଓଷ୍ଟାସଂଘର ପ୍ରାକ୍ତନ ସମ୍ପାଦକ ଲକ୍ଷ୍ମୀଧର ରାଉତ ଯୋଗଦେଇ ଶିକ୍ଷକମାନଙ୍କ ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ । ସମ୍ମାନିତ ଅତିଥିଭାବେ ରାଜ୍ୟ ଓଷ୍ଟାର ଅନ୍ୟତମ ସମ୍ପାଦକ ନିର୍ମଳ କୁମାର ନାୟକ, ଶିକ୍ଷା ପ୍ରଦୀପର ପ୍ରାକ୍ତନ ସମ୍ପାଦକ କାଳିପ୍ରସାଦ ନାୟକ, ପଟ୍ଟାମୁଣ୍ଡାଇ ବ୍ଲକ ଓଷ୍ଟାର ସମ୍ପାଦକ ବାବାଜୀ ଚରଣ ଦାସ,ରାଜ୍ୟ କାର୍ଯ୍ୟକାରିଣୀ ସଭ୍ୟ ରବୀନ୍ଦ୍ର ବେହେରା, ଯୁଗ୍ମ ସମ୍ପାଦକ ଦିଲୀପ କୁମାର ରାଉତ ଓ ସାମାଜିକ କର୍ମୀ ଗୋବିନ୍ଦ ଚନ୍ଦ୍ର ଦାସ ପ୍ରମୁଖ ଯୋଗଦେଇଥିଲେ । ଓଳାଭର ବାଳିକା ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ରୀନା ଦାସ ସ୍ୱାଗତ ଭାଷଣ ଦେଇଥିଲେ । ରାଜକନିକା ବ୍ଲକ ଓଷ୍ଟା ସଂଘର ସମ୍ପାଦକ ଅରବିନ୍ଦ ନାୟକ ବିବରଣୀ ପାଠ କରିଥିଲେ । ପଣ୍ଡିତ ବଟକୃଷ୍ଣ ପଣ୍ଡା ଅତିଥି ପରିଚୟ ଦେଇଥିଲେ । ଏହାପରେ ରାଜକନିକା ମଣ୍ଡଳ ଓଷ୍ଟାର ନୂତନ କାର୍ଯ୍ୟକାରିଣୀ ଗଠନ ହୋଇଥିଲା । ଏଥିରେ ସଭାପତିଭାବେ ସଞ୍ଜୟ କୁମାର ସାମଲ, ଉପସଭାପତି ଭାବେ ରତିକାନ୍ତ ଦାସ, ସହସମ୍ପାଦକ ଭାବେ ପ୍ରଭାତ କୁମାରତ ବାରିକ, କୃଷ୍ଣ ଚନ୍ଦ୍ର ନାୟକ, ନିର୍ବାଚିତ ହୋଇଥିଲେ। ସେହିପରି ସଂଘର ଜିଲାପରିଷଦ ସଭ୍ୟଭାବେ ଲକ୍ଷ୍ମୀଧର ମିଶ୍ର, ଭାଗିରଥି ଧଳ, ନିରଞ୍ଜନ ବେହେରା, ନିରୋଦକୁମାର ରାଉତ, ଶୁକଦେବ ପ୍ରଧାନ ଓ ରାଜ୍ୟ ପରିଷଦସଭ୍ୟ ଭାବେ ବଟ କୃଷ୍ଣ ପଣ୍ଡା, ପଦ୍ମଲୋଚନ ଦାସ,ବିଜନ କୁମାର ନାୟକ ପ୍ରମୁଖ ନିର୍ବାଚିତ ହୋଇଥିଲେ।

■ ତୁଳସୀକ୍ଷେତ୍ର ସୁରକ୍ଷା ସମିତିର ଖବରଦାତା ସମ୍ମିଳନୀ

## ଶ୍ରୀ ବଳଦେବଜୀଉଙ୍କ ଅନୁଦାନ ଅପବ୍ୟୟ ବନ୍ଦ ହେଉ

**କେନ୍ଦ୍ରାପଡା ଅଫିସ, ୨୧।୯**



ଖବରଦାତା ସମ୍ମିଳନୀରେ ଯୋଗଦେଇଥିବା ସମିତିର କର୍ମକର୍ତ୍ତା।

ତୁଳସୀକ୍ଷେତ୍ରାଧିପତି ଶ୍ରୀ ବଳଦେବଜୀଉଙ୍କ କ୍ଷେତ୍ର ଏକ ଆଧ୍ୟାତ୍ମିକ ସ୍ଥାନ । ଏହି କ୍ଷେତ୍ରର ସୁରକ୍ଷା ଆବଶ୍ୟକ ଥିବା ବେଳେ ଏହାର ଉନ୍ନୟନ ପାଇଁ ଆସୁଥିବା ଅନୁଦାନକୁ ଅପବ୍ୟୟ କରା ନ ଯାଉ ବୋଲି ତୁଳସୀ କ୍ଷେତ୍ର ସୁରକ୍ଷା ସମିତି ପକ୍ଷରୁ ଦାବି ହୋଇଛି । ଏନେଇ କେନ୍ଦ୍ରାପଡା ସହରର ଇଚ୍ଛାପୁରସ୍ଥିତ କଲ୍ୟାଣ ମଣ୍ଡପରେ ଶନିବାର ଏକ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସମିତି କାର୍ଯ୍ୟକର୍ତ୍ତା ସଞ୍ଜୟ ପତ୍ରୀ, ନୃସିଂହପ୍ରସାଦ ପତ୍ରୀ, ଅରବିନ୍ଦ ସାହୁ, କୃଷ୍ଣ ପ୍ରସାଦ ସିହ୍ନା ଓ ଅଶୋକ ସୁଆର ପ୍ରମୁଖ ଯୋଗଦେଇ କହିଥିଲେ ଯେ, ଅତୀତରେ ଏହି କ୍ଷେତ୍ରର ଉନ୍ନୟନ ପାଇଁ ଗଚ୍ଛିତ ହୋଇଥିବା ଶ୍ରଦ୍ଧାଳୁଙ୍କ ଅର୍ଥକୁ ଅପବ୍ୟୟ କରାଯାଇଛି । ମନ୍ଦିରକୁ ଲାଗି ପାର୍କର ଆବଶ୍ୟକତା ନ ଥିଲା ବେଳେ ଏହାକୁ ତିଆରି କରି ଆଧ୍ୟାତ୍ମିକ ପରିବେଶକୁ ନଷ୍ଟ କରାଯାଉଛି। ସେହିପରି ଅତୀତରେ ସିନେମା ହଲ ନିର୍ମାଣ, ବସ୍ ଦ୍ୱାରା ରୋଜଗାର ଆଶାରେ ବହୁ ଅର୍ଥ ବ୍ୟୟ ହୋଇଛି । ମାତ୍ର ଦେବୋତ୍ତର ସମ୍ପତ୍ତିକୁ ଉଦ୍ଧାର କରାଯାଇପାରୁନାହିଁ । ଏଥିଯୋଗୁ ଶ୍ରୀଜୀଉଙ୍କ ନୀତିକାନ୍ତିରେ ବିଭ୍ରାଟ ହେଉଛି । ମନ୍ଦିର ଚାରିପାର୍ଶ୍ୱରେ ଥିବା ଅଞ୍ଚଳକୁ ଆଧ୍ୟାତ୍ମିକ ପରିବେଶ ପାଇଁ ସରକାରୀ ଅନୁଦାନ ଖର୍ଚ୍ଚ ହୋଇପାରିଲେ ଏହି କ୍ଷେତ୍ରର ମହାତ୍ମ୍ୟ ସମସ୍ତଙ୍କ ଗୋଚରକୁ ଆସିବ । ଏଠାରେ ଥିବା ସତ୍ତ୍ୱାଧିକାରୀ ଓ ଦୋକାନୀଙ୍କୁ ଉପଯୁକ୍ତ କ୍ଷତିପୂରଣ ଦିଆଯାଇ ମନ୍ଦିର ପରିବେଶକୁ ଶୃଙ୍ଖଳିତ କରାଯାଇପାରିବ ବୋଲି ସମିତି ପକ୍ଷରୁ ସୂଚନା ଦିଆଯାଇଥିଲା। କିଛି ଗଣମାଧ୍ୟମ ଜବରଦଖଲ ଉଚ୍ଛେଦ ନାମରେ ସ୍ଥାନୀୟ ଅଞ୍ଚଳରେ ଭୟ ସୃଷ୍ଟି କରୁଛନ୍ତି ବୋଲି ସେମାନେ ଅଭିଯୋଗ କରି କ୍ଷୋଭ ପ୍ରକାଶ କରିଥିଲେ । ମନ୍ଦିର ଉନ୍ନୟନ ପ୍ରକଳ୍ପ ପାଇଁ ସ୍ଥାନୀୟ ଅଧିବାସୀଙ୍କ ମତାମତ ପ୍ରଶାସନିକ ଅଧିକାରୀ ନେବା ଆବଶ୍ୟକ ବୋଲି ସମ୍ମିଳନୀରେ ସମିତି କାର୍ଯ୍ୟକର୍ତ୍ତା ମତବ୍ୟକ୍ତ କରିଥିଲେ। ଏହି ଅବସରରେ କେନ୍ଦ୍ରାପଡା ରସାବଳୀକୁ ଜିଆଇ ମାନ୍ୟତା ଦେବା ପାଇଁ ସମିତି ପକ୍ଷରୁ ଦାବି ହୋଇଥିଲା। ଏହାପରେ ଜିଲାପାଳଙ୍କୁ ଏନେଇ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା।

## ସଂକ୍ଷେପରେ

### ଜିଲାପାଳଙ୍କ ଗୋପଦ କାର୍ଯ୍ୟକ୍ରମ ପ୍ରସ୍ତୁତି ଚୂଡ଼ାନ୍ତ

**ନିଶ୍ଚିନ୍ତକୋଇଲି,୨୧।୯(ସ୍ୱ.ପ୍ର.):** କଟକ ଜିଲାପାଳ ଭବାନୀ ଶଙ୍କର ଚଇନିଙ୍କ ନିର୍ଦ୍ଦେଶମତେ ଆସନ୍ତା ୨୬ ଓ ୨୭ ତାରିଖରେ ନିଶ୍ଚିନ୍ତକୋଇଲି ବ୍ଲକ ଅଞ୍ଚଳରେ ଗୋପଦ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଏନେଇ ବ୍ଲକ ପ୍ରଶାସନ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ବ୍ଲକ ପକ୍ଷରୁ ଜଳ ସମ୍ପଦ ବିଭାଗର ସମସ୍ତ ଯନ୍ତ୍ରୀ, ରାଜସ୍ୱ, ଉଦ୍ୟାନ, ପାନୀୟଜଳ ଓ ପରିମଳ, ଗ୍ରାମ୍ୟ ଉନ୍ନୟନ, ଯୋଗାଣ, ବନ, ମୃତ୍ତିକା ସଂରକ୍ଷଣ, କୃଷି, ଶିକ୍ଷା, ସ୍ୱାସ୍ଥ୍ୟ ବିଭାଗ ଓ ସମସ୍ତ ଥାନାକୁ ଅବଗତ କରାଯାଇଛି। ଉପଜିଲାପାଳଙ୍କ ପତ୍ର ନଂ-୮୭୦୭/୧୬।୦୯।୨୦୧୯ ଅନୁଯାଇ ଭାରପ୍ରାପ୍ତ ବିଡିଓ ସୁଶାନ୍ତ ରଣା ପତ୍ର ନଂ-୫୧୧୬/୧୯।୦୯।୨୦୧୯ରେ ସମସ୍ତ ବିଭାଗକୁ ଚିଠି ମାଧମରେ ଏହା ଜଣାଇଛନ୍ତି। ୨୬ ତାରିଖରେ ଜିଲାପାଳ ବିଭିନ୍ନ ବିଭାଗର ଅଧିକାରୀଙ୍କ ସହ ଆଲୋଚନା କରିବା ସହିତ ବ୍ଲକରେ ରାତ୍ରି ଯାପନ କରିବେ। ୨୭ରେ ବିଭିନ୍ନ ଅଞ୍ଚଳ ଗ୍ରସ୍ତ କରି ଲୋକଙ୍କ ସମସ୍ୟା ବୁଝିବେ। ତେଣୁ ଏହି ୨ଦିନ ସମସ୍ତ ବିଭାଗାର ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ରହିବାକୁ ନିର୍ଦ୍ଦେଶ ରହିଛି।

### ବହୁଗ୍ରାମ ଡିଗ୍ରୀ କଲେଜର ସ୍ୱାଗତ ଉତ୍ସବ

**ସାଲେପୁର,୨୧।୯(ଡି.ଏନ.ଏ.):** ସାଲେପୁର ବ୍ଲକ ଅଧୀନ ବହୁଗ୍ରାମ ଡିଗ୍ରୀ କଲେଜ ପକ୍ଷରୁ ଶନିବାର ଏକ ସ୍ୱାଗତ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ୨୦୧୯-୨୦ ଶିକ୍ଷାବର୍ଷରେ ନାମ ଲେଖାଇଥିବା କଳା, ବିଜ୍ଞାନ ଓ ବାଣିଜ୍ୟ ବିଭାଗ ଛାତ୍ରୀଛାତ୍ରଙ୍କୁ ସ୍ୱାଗତ କରାଯାଇଛି। କାର୍ଯ୍ୟକ୍ରମରେ କଲେଜ ଅଧକ୍ଷ ବିକାଶ କୁମାର ସିଂହ ପୌରୋହିତ୍ୟ କରିଥିଲେ। ମୁଖ୍ୟ ଅତିଥିଭାବେ କଲେଜ ପରିଚାଳନା କମିଟି ସଭାପତି ପ୍ରକାଶ ଚନ୍ଦ୍ର ବେହେରା ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ସ୍ୱାଗତ କରିବା ସହିତ ବଡ଼ ମଣିଷ ପରିବର୍ତ୍ତେ ଜଣେ ଆଦର୍ଶ ମଣିଷ ଭାବେ ପରିଚୟ ସୃଷ୍ଟି କରିବାକୁ ପରାମର୍ଶ ଦେଇଥିଲେ। ମୁଖ୍ୟବକ୍ତା ବହୁଗ୍ରାମ କନିଷ୍ଠ କଲେଜ ଅଧକ୍ଷ ନୀରେନ୍ଦ୍ରନାଥ ସାହୁ, ସମ୍ମାନିତ ଅତିଥି ବ୍ଲକ ଅଧକ୍ଷା ମମତା ରାଉତ, ଅଧାପକ ସୁଲୋକ କୁମାର ନାୟକ, ଓଡ଼ିଆ ବିଭାଗ ମୁଖ୍ୟ ଡ. ଦିପ୍ତୀ ଭୂୟାଁ ପ୍ରମୁଖ ଯୋଗଦେଇ ଛାତ୍ରୀଛାତ୍ରଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। ଛାତ୍ର କୀର୍ତ୍ତିରଞ୍ଜନ ମଞ୍ଚ ପରିଚାଳନା କରିଥିବା ବେଳେ ସକ୍ଲିନ୍ ଅଲ୍ଲି ଧନ୍ୟବାଦ ଦେଇଥିଲେ।

# ୫ ବର୍ଷର ପ୍ରେମ, ତଥାପି ବିଗିଡ଼ିଗଲା ବୁଝାମଣା

## ନୀହାରିକା ହତ୍ୟା ମାମଲା



**ଜଗତ୍ସିଂହପୁର ଅଫିସ,୨୧।୯**

ଦୀର୍ଘ ୫ବର୍ଷ ହେଲା ପରସ୍ପରକୁ ଭଲ ପାଉଥିଲେ। ଅନେକ ସୁଖଦୁଃଖର ମୁହୂର୍ତ୍ତ ସାଥି ହୋଇ କଟାଇଥିଲେ। ଉଭୟଙ୍କ ପରିବାର ମଧ୍ୟ ପ୍ରେମକୁ ଦେଇଥିଲେ ସମ୍ମତି। ବିବାହ ପାଇଁ ମଧ୍ୟ ସ୍ଥିର ହୋଇଥିଲା। କିନ୍ତୁ ସାମାନ୍ୟ ବୁଝାମଣାର ଅଭାବରୁ ସବୁକିଛି ଛାରଖାର ହୋଇଗଲା। ପ୍ରେମିକାଙ୍କ ମନକଥା ବୁଝିବାରେ ଭୁଲ୍ କରିଦେଲେ ପ୍ରେମିକ। ଶେଷ ପର୍ଯ୍ୟନ୍ତ ଯେଉଁ ପ୍ରେମିକଙ୍କ ଉପରେ ବିଶ୍ୱାସ ରଖି ତାଙ୍କ ସହ ଏକାକି ନର୍ସିଂହୋମରୁ ବାହାରିଯାଇଥିଲେ, ଶେଷରେ ସେ ହିଁ ତାଙ୍କ ଜୀବନ ନେଇଗଲେ। ନର୍ସ ନିହାରିକା ପାତ୍ରଙ୍କ ହତ୍ୟା ମାମଲାର ପର୍ଦ୍ଦାଫାଶ ହେବା ପରେ ଘଟଣାକୁ ନେଇ ବିଭିନ୍ନ ମହଲରେ ଏଭଳି ମତପ୍ରକାଶ ପାଇଛି। ଯଦି ନିହାରିକାଙ୍କ ଯୁକ୍ତିର ବାସ୍ତବତାକୁ ଗ୍ରହଣ କରି ପ୍ରେମିକ କିଶୋର ଆଞ୍ଚଲ(ରାଜା) ପ୍ରଥମେ ରୋଜଗାର ପ୍ରତି ଧ୍ୟାନ ଦେଇଥାନ୍ତେ, ତେବେ ଏପରି ହୋଇ ନ ଥାନ୍ତା ବୋଲି କୁହାଯାଉଛି।

**ଉଜୁଡ଼ିଗଲା ସଂସାର**

ନୀହାରିକାଙ୍କ ମା, ବାପା ଅସୁସ୍ଥ। ପରିବାରର ଆର୍ଥିକ ସ୍ଥିତି ଭଲ ନୁହେଁ। ସାନଭାଇର ଭବିଷ୍ୟତ ସାଙ୍ଗକୁ ମୁଣ୍ଡରେ ପରିବାରର ବୋଝ। ସେପଟେ ପ୍ରେମିକ ରାଜା ବି ବେକାର। ତେଣୁ ଏସବୁ କଥା ନୀହାରିକାଙ୍କୁ ବିଚଳିତ କରୁଥିଲା। ତଥାପି ସେ ରାଜାଙ୍କୁ ଭୁଲି ନ ଥିଲେ। ଆଶା ଥିଲା ରାଜା ନିଶ୍ଚୟ କେଉଁଠି ନା କେଉଁଠି ଛୋଟମୋଟ ଚାକିରି ଖଣ୍ଡେ କରିବେ, ଆଉ ତାଙ୍କ କାନ୍ଧରେ କାନ୍ଧ ମିଶାଇ ସଂସାର କରିବେ। କିନ୍ତୁ ସବୁ ସ୍ୱପ୍ନ ସ୍ୱପ୍ନରେ ରହିଗଲା। ସେପଟେ ଏକମାତ୍ର ରୋଜଗାରିଆ ଝିଅକୁ ହରାଇ ନୀହାରିକାଙ୍କ ପରିବାର ମଧ୍ୟ ଉଜୁଡ଼ିଗଲା। ତାଙ୍କ ମା ଖୋର୍ଦ୍ଧା ଜିଲା ଭିଙ୍ଗାରପୁରର ପ୍ରତିମା ପାତ୍ର ଓ ବାପା ଗଗନ ପାତ୍ର ଏବେ ଝିଅକୁ ଝୁରି ହେଉଛନ୍ତି। ତାଙ୍କ ମା' କ୍ଷଣିକୁ କ୍ଷଣି ମୁର୍ଚ୍ଛା ଯାଉଛନ୍ତି। ଆଉ କିଏ ଏବେ ସେମାନଙ୍କ କଥା ବୁଝିବ ବୋଲି ସେ କୋହଭରା କଣ୍ଠରେ କହିଛନ୍ତି।

**ନିଖୋଜ ମାମଲାକୁ ଗୁରୁତ୍ୱ ଦେଲାନି ପୋଲିସ**

ନୀହାରିକା କଟକ ରାଜେନ୍ଦ୍ରନଗରସ୍ଥିତ ଏମ୍ଏମ୍ ନର୍ସିଂହୋମ୍‌ରେ ପ୍ରାୟ ୪ ବର୍ଷ ହେବ କାମ କରୁଥିଲେ। ଗତ ୮ ତାରିଖ ଅପରାହ୍ଣ ପ୍ରାୟ ୪.୩୮ରେ ତାଙ୍କୁ ରାଜା ଫୋନ କରି ବାହାରକୁ ବୁଲିଯିବାକୁ ଡାକିଥିଲେ। ପରେ ରାଜା ପ୍ରାୟ ୪.୪୮ରେ ତାଙ୍କ ବାଇକ୍ (ନଂ.ଓଡି ୨୧ଏଫ୍ ୯୦୫୧)ରେ ସେଠାରେ ପହଞ୍ଚିଥିଲେ। ନୀହାରିକା ନର୍ସିଂହୋମରୁ ବାହାରି ତାଙ୍କ ସହ ଗାଡିରେ ବସି ଯାଇଥିଲେ। ଏହି ଦୃଶ୍ୟ ନର୍ସିଂହୋମର ସିସିଟିଭି ଫୁଟେଜରେ ରହିଛି। ପରେ ନୀହାରିକା ନ ଫେରିବାରୁ ନର୍ସିଂହୋମ୍ ପକ୍ଷରୁ ତାଙ୍କୁ ଫୋନ୍ କରାଯାଇଥିଲା। ହେଲେ ଯୋଗାଯୋଗ ସମ୍ଭବ ହୋଇ ନ ଥିଲା। ପରେ ରାଜାଙ୍କୁ ଫୋନ୍ କରିବାରୁ ସେ ନର୍ସିଂହୋମ୍‌ର କିଛି ଦୂରରେ ନୀହାରିକାଙ୍କୁ ଛାଡି ଦେଇଥିବା କହିଥିଲେ। ଏ ପରିସ୍ଥିତିରେ ବାଧହୋଇ ୯ ତାରିଖରେ ନର୍ସିଂହୋମ୍ ପକ୍ଷରୁ ମଧୁପାଟଣା ଥାନାରେ ଅଭିଯୋଗ କରାଯାଇଥିଲା। କିନ୍ତୁ ପୋଲିସ ଏ ସମ୍ପର୍କରେ ଏକ ମିସ୍ କେସ୍ କରି ଚୁପ ରହିଯାଇଥିଲା। ନୀହାରିକାଙ୍କ ପରିବାର ଲୋକେ ଝିଅ ନିଖୋଜ ଥିବା ଖବରପାଇ ରାଜାଙ୍କୁ ଫୋନ୍ କରିବାରୁ ଅନୁରୂପ ପ୍ରତିକ୍ରିୟା ପାଇଥିଲେ। ତେଣୁ ୧୦ ତାରିଖରେ ନୀହାରିକାଙ୍କ ମା' ମଧ୍ୟ ଏହି ଥାନାରେ ଆଉ ଏକ ନିଖୋଜ ଅଭିଯୋଗ କରି ରାଜାଙ୍କୁ ଦାୟୀ କରିଥିଲେ। କିନ୍ତୁ ପୋଲିସ ଏହାକୁ ସେତେବେଳେ ଗୁରୁତ୍ୱ ଦେଇ ନ ଥିଲା।

### କିପରି ହୋଇଥିଲା ହତ୍ୟା ଯୋଜନା

କେନ୍ଦାଳରେ ରାଜାଙ୍କ ମାମୁଘର। ସେ ଅନେକ ସମୟରେ ସେଠାକୁ ଯିବାଆସିବା କରିବା ଭିତରେ ଉକ୍ତ ଗ୍ରାମର ସୁନୀଲ ସାହୁଙ୍କ ସହ ତାଙ୍କର ବନ୍ଧୁତା ହୋଇଥିଲା। ସୁନୀଲ ଚାଉଳିଆଗଞ୍ଜରେ ନିଜ ଭଉଣୀଙ୍କ ସହ ଏକ ଭଡ଼ା ଘରେ ରହୁଥିଲେ। ଦୁଇ ମହଲା ବିଶିଷ୍ଟ ଉକ୍ତ ଘର ଉପରେ ମାଲିକ ରହୁଥିଲେ। ତଳେ ୨ଟି ପରିବାରକୁ ଘର ଭଡ଼ା ଦିଆଯାଇଥିଲା। ସୁନୀଲ ସେଥିରୁ ଗୋଟିଏ ଘରେ ରହୁଥିଲେ। କେନ୍ଦାଳରେ ଖୁଦୁରୀକୁଣୀ ଓଷା ହେଉଥିବାରୁ ସୁନୀଲ ଓ ତାଙ୍କ ଭଉଣୀ ଗାଁକୁ ଚାଲିଆସିଥିଲେ। ଏକଥା ରାଜାଙ୍କୁ ଜଣାଥିଲା। ତେଣୁ ସେ ସୁନୀଲଙ୍କଠାରୁ ଉକ୍ତ ଘର ଚାବି ମାଗିନେଇଥିଲେ। ନୀହାରିକାଙ୍କୁ ଉକ୍ତ ଘରକୁ ଆଣିବା ପରେ ସେଠାରେ କିଛି ସମୟ କଥା ହୋଇଥିଲେ। ପରେ କ୍ରୋଧାନ୍ୱିତ ହୋଇ ତଣ୍ଟିଚିପି ହତ୍ୟା କରିଥିଲେ। ଯାହାକି ଶବ ବ୍ୟବଚ୍ଛେଦ ରିପୋର୍ଟରୁ ସ୍ପଷ୍ଟ ହୋଇଛି। ତଣ୍ଟି ଚିପିଲା ବେଳେ ବେକ ପଛପଟ ଖସି ଯାଇଥିଲା। ଏଥିସହ ପାକସ୍ଥଳୀରେ ଖାଦ୍ୟ ବିଷାକ୍ତ ଥିବା ଜଣାଯାଇଛି। ହତ୍ୟା ପରେ ମୃତଦେହ ଅଖାରେ ପୁରାଇ ବାଇକରେ ବାନ୍ଧି ନେଇଯାଇଥିଲେ। ସେହିଦିନ ରାତି ପ୍ରାୟ ୧୨.୩୦ରେ ଚାବି ଆଣି ସୁନୀଲଙ୍କୁ ଫେରାଇଥିଲେ। ୧୪ ତାରିଖରେ ସୁନିଲଙ୍କ ଭଉଣୀ ଭଡ଼ା ଘରେ ପହଞ୍ଚି ତାଙ୍କର ଏକ ବେଡସିଟ୍ ନ ଥିବା ଦେଖିଥିଲେ। ଏଥିସହ ଏକ କାନଫୁଲ ପାଇଥିଲେ। ଏହା ପରେ କଥା ପ୍ରଘଟ ହୋଇଥିଲା।

**ବର୍ଷା ଯୋଗୁ କେହି ଜାଣିବା ସହଜ ନ ଥିଲା**

ରାଜା ମୃତଦେହ ବାଇକ୍‌ରେ ବାନ୍ଧି ରାତି ପ୍ରାୟ ୮ଟାରେ ଗାଁ ଅଭିମୁଖେ ଯାତ୍ରା କଲାବେଳେ ପ୍ରବଳ ବର୍ଷା ହେଉଥିଲା। ତେଣୁ ରାସ୍ତା ପ୍ରାୟତଃ ଶୁନ୍‌ଶାନ୍ ଥିଲା। ସେ ଅପର୍ଣ୍ଣାନଗରରୁ ନୂଆବଜାର ପୋଲ ଦେଇ କେନାଲ ରାସ୍ତାରେ ଚାଲିଥିଲେ। ଏହି କେନାଲ ରାସ୍ତାରେ ରାତିରେ ଯାତାୟାତ କରିବା ସହଜ ନୁହେଁ। କାରଣ ଏହି ରାସ୍ତା ଅନ୍ଧାର ଓ ଅଧିକ ଶୁନଶାନ। ସେ ଅଥଙ୍ଗା ପର୍ଯ୍ୟନ୍ତ ଯାଇ ସେଠାରୁ ପାଖାପାଖି ୧୦୦ ମିଟର ଦକ୍ଷିଣ ଓ ପରେ ବାମକୁ ମୋଡ଼ି ନଦୀ ବନ୍ଧରେ ଯାଇଥିଲେ। ଏହି ନଦୀବନ୍ଧରେ ଗଲେ ଗାଁରେ ପହଞ୍ଚିବା ସହଜ ଓ ନିରାପଦ ଥିଲା। ବାଟରେ ଅଖା ଢିଲା ହୋଇଯାଉଥିବାରୁ ସେ ଏକାଧିକ ଥର ଅଟକି ପ୍ଲାଷ୍ଟିକ୍ ରଶି ଭିଡିଥିଲେ। ଗାଁଠାରୁ ୨ କିଲୋମିଟର ପୂର୍ବରୁ ନଦୀରେ ଥିବା ବୁରୁଜ ନିକଟରେ ଅଟକି ମୃତଦେହ ନଦୀକୁ ଫିଙ୍ଗି ଦେଇଥିଲେ। ସେତେବେଳେ ନଦୀରେ ପାଣି ଭରା ଥିଲା। ତେଣୁ ସେ ଭାବିଥିଲେ ଚିନ୍ତା ଗଲା। ପରେ ନିରାପଦରେ ଗାଁରେ ପହଞ୍ଚି ପରଦିନ ବାପାଙ୍କ ଅଥଙ୍ଗା ଷ୍ଟିତ ଢାବାରେ ପହଞ୍ଚି ସବୁକଥା କହିଥିଲେ।

**୧୩ ରୁ ଚେନ୍ନାଇ ପଳାଇଥିଲେ**

ଚେନ୍ନାଇରେ ରହୁଥିବା ବାଲିକୁଦା ଅଞ୍ଚଳର ଜଣେ ବ୍ୟକ୍ତିଙ୍କ ସହ ରାଜାଙ୍କ ସମ୍ପର୍କ ଅଛି। ସମ୍ପୃକ୍ତ ବ୍ୟକ୍ତି କୌଣସି କମ୍ପାନୀରେ ରହି ଶ୍ରମିକ ଭାବେ କାମ କରନ୍ତି। ରାଜାଙ୍କ ଜଣେ ବନ୍ଧୁଙ୍କ ନିକଟ ସମ୍ପର୍କୀୟ ହେଉଛନ୍ତି ସମ୍ପୃକ୍ତ ବ୍ୟକ୍ତି। ତେଣୁ ରାଜା ବନ୍ଧୁଙ୍କୁ ଚେନ୍ନାଇ ଯାଉଥିବା କହି ସେଠାରେ କିଛି ଦିନ ରହିବା ବ୍ୟବସ୍ଥା କରିବାକୁ ଅନୁରୋଧ କରିଥିଲେ। ପରେ ୧୩ ତାରିଖ ସକାଳେ ଚେନ୍ନାଇ ବାହାରିଥିଲେ। ସେତେବେଳେ ପାଖରେ ଥିଲା ୩ ହଜାର ଟଙ୍କା। ପ୍ରଥମେ ଗାଁରୁ ଏକ ଭଡା କାରରେ ଭୁବନେଶ୍ୱର ରେଳ ଷ୍ଟେଶନ୍ ପର୍ଯ୍ୟନ୍ତ ଯାଇ ସେଠାରୁ ଏକ ଟ୍ରେନ୍‌ରେ ଚେନ୍ନାଇ ପଳାଇଥିଲେ। ୧୪ରେ ଚେନ୍ନାଇରେ ପହଞ୍ଚିଥିଲେ। ତେବେ ଗାଁ ଛାଡିବା ପୂର୍ବରୁ ଏକ ମୋବାଇଲ ଓ ସିମ୍ କିଣିଥିଲେ। ଚେନ୍ନାଇ ଗଲାବେଳେ ପୁରୁଣା ମୋବାଇଲ୍ ଘରେ ଛାଡି ନୂଆ ମୋବାଇଲ ଓ ସିମ୍ ବ୍ୟବହାର କରିଥିଲେ।

**ଗିରଫ ହେଲେ କିପରି**

ଯେତେବେଳେ ରାଜାଙ୍କ ମା, ବାପା ଓ ଭାଇଙ୍କୁ ପୋଲିସ ଗିରଫ ଭୟ ଦେଖାଇଲା ସେତେବେଳେ ରାଜା ବିଚଳିତ ହୋଇପଡିଥିଲେ। ଏହାର ଫାଇଦା ଉଠାଇଥିଲା ପୋଲିସ। ପୋଲିସ ତାଙ୍କ ପରିବାର ସଦସ୍ୟଙ୍କୁ ବ୍ୟବହାର କରି ଗାଁକୁ ଫେରିବା ପାଇଁ ରାଜାଙ୍କୁ ଏକପ୍ରକାର ବାଧ କରିଥିଲା। ରାଜା ଗତ ୨୦ ତାରିଖ ପୂର୍ବାହ୍ନ ପ୍ରାୟ ୧୧.୩୦ରେ ସାଲିମାର ଏକ୍ସପ୍ରେସ୍‌ରେ ଭୁବନେଶ୍ୱର ରେଳ ଷ୍ଟେଶନ୍‌ରେ ପହଞ୍ଚିଥିଲେ। ପୂର୍ବ ପ୍ରସ୍ତୁତି ମୁତାବକ ଷ୍ଟେଶନ୍‌ରେ ତାଙ୍କ ମା ଅପେକ୍ଷା କରିଥିଲେ। ତେଣୁ ଉଭୟ ସେଠାରୁ ଏକ କାର ଭଡା କରି ଗାଁକୁ ଫେରୁଥିଲେ। ଠିକ୍ ହାଜିପୁର ଛକରେ ପହଞ୍ଚି କାରରୁ ଓହ୍ଲାଇବା ବେଳେ ତାଙ୍କୁ ଗିରଫ କରାଯାଇଥିବା ପୋଲିସ କହିଛି।



ନୀହାରିକାଙ୍କ ମା' ଓ ବାପା।

### ୯ ଦିନ ପରେ ମିଳିଥିଲା ମୃତଦେହ

ନୀହାରିକା ନିଖୋଜ ହେବା ଦିନ ଅର୍ଥାତ୍ ୮ ତାରିଖ ରାତି ୮ଟା ମଧ୍ୟରେ ହିଁ ତାଙ୍କୁ ହତ୍ୟା କରାଯାଇଥିଲା। କିନ୍ତୁ ଏହାର ୯ ଦିନ ପରେ ଗତ ୧୭ ତାରିଖ ସକାଳେ ବିରିଡ଼ି ଥାନା ହାଜିପୁର ନୂଆପାରି ନିକଟ ବିଲୁଆଖାଇ ନଦୀରୁ ତାଙ୍କ ମୃତଦେହ ଅଖା ମଧ୍ୟରୁ ହାତଗୋଡ଼ ବନ୍ଧା ଅବସ୍ଥାରେ ମିଳିଲା। ମୁହଁ ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଥିଲା। ସ୍ଥାନୀୟ କେତେଜଣ ଲୋକ ଦେଖିବା ପରେ ବିରିଡ଼ି ପୋଲିସକୁ ଖବର ଦେଇଥିଲେ। ପରେ ମଧୁପାଟଣା ଥାନାକୁ ଖବର ଦିଆଯାଇଥିଲା। ଖବରପାଇ ନୀହାରିକାଙ୍କ ମା, ଭାଇ, ସେ କାମ କରୁଥିବା ନର୍ସିଂହୋମ କର୍ମଚାରୀ ପହଞ୍ଚିଥିଲେ। ପୋଷାକ, ବାମ ହାତରେ ବନ୍ଧା ଯାଇଥିବା ସୂତା ଓ ଶରୀର ଦେଖି ସେମାନେ ମୃତଦେହ ଚିହ୍ନଟ କରିଥିଲେ। ଯେହେତୁ ମୃତଦେହ ବିରିଡ଼ି ଥାନା ଅଞ୍ଚଳରୁ ଉଦ୍ଧାର ହୋଇଥିଲା ତେଣୁ ଜଗତ୍ସିଂହପୁର ଏସ୍‌ପିଙ୍କ ନିର୍ଦ୍ଦେଶ ଅନୁଯାୟୀ ଏକ ହତ୍ୟା ମାମଲା ରୁଜୁ ପରେ ପଞ୍ଚନାମା କରାଯାଇଥିଲା। କଟକ ବଡ଼ ଡାକ୍ତରଖାନାରେ ମୃତଦେହ ବ୍ୟବଚ୍ଛେଦ ପରେ ପରିବାରକୁ ହସ୍ତାନ୍ତର କରାଯାଇଥିଲା।

### ଜାଣିଥିଲେ ରାଜାଙ୍କ ପରିବାର ଓ ସାଙ୍ଗ

ରାଜା ହତ୍ୟା କରିଥିବା ଖବର ତାଙ୍କ ମା, ବାପା, ସାନ ଭାଇଙ୍କ ସମେତ ଗାଁର କେତେକ ଲୋକ ଓ ସାଙ୍ଗ ଜାଣିଥିଲେ। କିନ୍ତୁ କେହି କଥା ପ୍ରଘଟ କରି ନ ଥିଲେ। ଏପରି କି ୮ରୁ ୧୨ ତାରିଖ ଭିତରେ ରାଜା ତାଙ୍କ ମାମୁଁ ଘର କେନ୍ଦାଳ ବୁଲିବାକୁ ଯାଇଥିଲେ। କେନ୍ଦାଳରେ ଖୁଦୁରୁକୁଣୀ ମେଢ ଦେଖି ସମୟ କାଟିଥିଲେ। ହତ୍ୟା ଦିନ ନୀହାରିକାଙ୍କ ମୋବାଇଲ ଭାଙ୍ଗି ରାଜା ଫୋପାଡ଼ି ଦେଇଥିଲେ।



## ବାଜି ମାରିଲା ଜିଲା ଓ ଜଗନ୍ନାଥ ଟ୍ରକ୍ ମାଲିକ ସଂଘ

### ପାରାଦୀପ ବିଶ୍ୱକର୍ମା ପୂଜାରେ ଜମୁଛି ଭିଡ଼

**ପାରାଦୀପ,୨୧।୯ (ସ୍ୱ.ପ୍ର.)**

ପାରାଦୀପ ବିଶ୍ୱକର୍ମା ପୂଜାର ୫ମ ଦିବସ ଶନିବାର ଅନୁଷ୍ଠିତ ହୋଇଛି। ପୂଜା ଆଉ ମାତ୍ର ୨ଦିନ ଥିବାରୁ ସନ୍ଧ୍ୟାରେ ପ୍ରବଳ ଭିଡ଼ ଜମିଥିଲା। କେତେକ ମଣ୍ଡପ ନିକଟର ନାମିଦାମୀ କଳାକାରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିଲା। ଫଳରେ ସେଠାରେ ଅଶାତୀତ ଭିଡ଼ ଜମିଥିଲା। ବଡ଼ପଡ଼ିଆ ଛକରୁ ହୋଟେଲ ଛକ ପର୍ଯ୍ୟନ୍ତ ଲକ୍ଷାଧିକ ଲୋକଙ୍କ ସମାଗମ ହୋଇଥିଲା। ପାଗ ଅନୁକୁଳ ଥିବାରୁ ବ୍ୟବସାୟ ମଧ୍ୟ ଭଲ ହୋଇଥିଲା। ତେବେ ଭିଡ଼ର ସୁଯୋଗରେ ଲୁଟେରା ବେଶ୍ ଫାଇଦା ଉଠାଇଥିଲେ। କେତେଜଣ ମହିଳା ଓ ଯୁବତୀଙ୍କୁ ଅସଦାଚରଣ କରାଯାଇଥିବା ମଧ୍ୟ ଅଭିଯୋଗ ହୋଇଛି। ଚଳିତବର୍ଷ ଆକର୍ଷଣୀୟ ସାଜସଜ୍ଜା ଶ୍ରଦ୍ଧାଳୁଙ୍କୁ ବେଶ୍ ଆକୃଷ୍ଟ କରୁଛି। ପ୍ରଶାସନ ପକ୍ଷରୁ ଯେତେ କଟକଣା କରାଯାଇଥିଲା ତାହା କାର୍ଯ୍ୟକାରୀ ହୋଇ ପାରୁନାହିଁ। ଯେପରି କି ଅଶ୍ଳୀଳ ନୃତ୍ୟ ପରିବେଷଣ ଉପରେ ରୋକ୍ ଲଗାଯାଇଥିଲେ ମଧ୍ୟ ତାହା ଚାଲିଛି। ଖାଇବା ଷ୍ଟଲରେ ମାନ ଯାଞ୍ଚ ନିୟମ ଥିଲେ ମଧ୍ୟ ତାହା କରାଯାଇନାହିଁ। ଚଳିତ ବର୍ଷ ଆକର୍ଷଣୀୟ ସାଜସଜ୍ଜା ଓ ତୋରଣ ଆଦି ବିଭିନ୍ନ କ୍ଷେତ୍ରରେ ଜିଲା ଟ୍ରକ ମାଲିକ ସଂଘ ଓ ଜଗନ୍ନାଥ ଟ୍ରକ ମାଲିକ ସଂଘ ସର୍ବାଧିକ ପୁରସ୍କାର ପାଇଛନ୍ତି।

## ଶିଶୁ ଯତ୍ନ, ଶିକ୍ଷା ସମ୍ପର୍କିତ ପ୍ରଶିକ୍ଷଣ ଉଦ୍‌ଯାପିତ




କାର୍ଯ୍ୟକ୍ରମରେ ଉପସ୍ଥିତ ଅଧିକାରୀ ଓ ଅଙ୍ଗନୱାଡି କର୍ମୀମାନେ।

**ରଘୁନାଥପୁର, ୨୧।୯ (ଡି.ଏନ.ଏ.)**

ୟୁନିସେଫ ପକ୍ଷରୁ ରଘୁନାଥପୁର ଆଇସିଡିଏସ ଅଧୀନରେ ଥିବା ସମସ୍ତ ଅଙ୍ଗନୱାଡି କର୍ମୀଙ୍କୁ ୩ଟି ପର୍ଯ୍ୟାୟରେ ଆଦ୍ୟ ଶୈଶବରେ ଯତ୍ନ ଓ ଶିକ୍ଷା ସମ୍ପର୍କିତ ପ୍ରଶିକ୍ଷଣ ଶିବିର ଶନିବାର ଉଦ୍‌ଯାପିତ ହୋଇଯାଇଛି। ଜନ୍ମଠାରୁ ୬ ବର୍ଷ ପର୍ଯ୍ୟନ୍ତ ଶିଶୁଙ୍କ ଲାଳନ ପାଳନ, ମା'ମାନଙ୍କ ଭୂମିକା, ଉତ୍ତମ ସ୍ୱାସ୍ଥ୍ୟ ଓ ଖେଳକୁଦ ମାଧ୍ୟମରେ ଶିଶୁମାନଙ୍କୁ ଶିକ୍ଷା ପ୍ରତି ଆକୃଷ୍ଟ କରିବା ଏହାର ଉଦ୍ଦେଶ୍ୟ ବୋଲି ପ୍ରଶିକ୍ଷଣ ଶିବିରରେ ସିଡିପିଓ ଜ୍ୟୋତ୍ସ୍ନାରାଣୀ ମଲ୍ଲିକ ପ୍ରକାଶ କରିଥିଲେ। ପ୍ରତ୍ୟେକ ସପ୍ତାହରେ ଶିଶୁଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ସହ ସେମାନଙ୍କ ମା'ଙ୍କୁ ଡାକି ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ବାର୍ତ୍ତା ଦେବାକୁ ଏଥିରେ ପ୍ରକାଶ କରାଯାଇଥିଲା। ଏହାଛଡା କୋମଳମତି ଶିଶୁଙ୍କୁ ଅଦରକାରୀ ବସ୍ତୁର ବିଭିନ୍ନ ଖେଳନା ତଥା ଛବି ଆଙ୍କି ସେଥିପ୍ରତି ଆକର୍ଷିତ କରିବାକୁ କର୍ମୀଙ୍କୁ ପ୍ରଶିକ୍ଷଣ ଦିଆଯାଇଥିଲା। ସୁପରଭାଇଜର ପ୍ରମୋଦିନୀ ଦାଶ, ସୁବାସ ମୋହିନୀ ସାହୁ, ସଂଯୁକ୍ତା ଦାସ, ବିଜୟଲକ୍ଷ୍ମୀ ପଣ୍ଡା, ସୋନାଲି ପ୍ରିୟଦର୍ଶିନୀ ପ୍ରମୁଖ କର୍ମୀମାନଙ୍କୁ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ସୁନ୍ଦର ଭାବେ ପ୍ରସ୍ତୁତ ଏହାର ସଫଳ ରୂପାୟନ ସମ୍ପର୍କରେ ସିଡିପିଓ ମଲ୍ଲିକ କର୍ମୀମାନଙ୍କୁ ପରାମର୍ଶ ଦେବା ସହ ନିଜେ ଯାଇ ତତ୍ତ୍ୱାବଧାନ କରିବେ ବୋଲି ସତର୍କ କରାଇ ଦେଇଥିଲେ। କୃତ୍ତିବାସ ସାହୁ ପ୍ରଶିକ୍ଷଣ ଶିବିର ପରିଚାଳନା କରିଥିବା ବେଳେ ରଶ୍ମିତା ଦାସ ଓ ବୈଷ୍ଣବ ଚରଣ ବାରିକ ସହଯୋଗ କରିଥିଲେ।

## ପୂର୍ତ୍ତ ବିଭାଗ ପକ୍ଷରୁ ବର୍ଜ୍ୟ ପ୍ଲାଷ୍ଟିକ ସଂଗ୍ରହ, ସଚେତନତା

**ରଘୁନାଥପୁର, ୨୧।୯ (ଡି.ଏନ.ଏ.)**

ଜଗତ୍ସିଂହପୁର ପୂର୍ତ୍ତ ବିଭାଜନ ତଥା ଫକୀରପଡା ପୂର୍ତ୍ତ ଉପ ବିଭାଜନ ପକ୍ଷରୁ ଜଇପୁର କନିଷ୍ଠ ଯନ୍ତ୍ରୀ ବିନୟ କୁମାର ସାହୁଙ୍କ ତତ୍ତ୍ୱାବଧାନରେ 'ସ୍ୱଚ୍ଛତା ହିଁ ସେବା' ଅଭିଯାନ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଫକୀରପଡା, ଗଡ଼ମା ଓ ଜଇପୁର ଯନ୍ତ୍ରୀଙ୍କ କାର୍ଯ୍ୟାଳୟର କର୍ମଚାରୀମାନେ ରଘୁନାଥପୁର ବ୍ଲକ ଖଣ୍ଡତରି ଆମିନିଟ୍ ସେଣ୍ଟର ପାଖରୁ ଏକତ୍ରିତ ହୋଇ ରାଜରାସ୍ତାର ଉଭୟପାର୍ଶ୍ୱରେ ପଡି ରହିଥିବା ବର୍ଜ୍ୟ ପ୍ଲାଷ୍ଟିକ ସଂଗ୍ରହ କରି ମହଜୁଦ୍ କରିଥିଲେ। ଏଥିସହ ବିଭିନ୍ନ ଛକ ସ୍ଥାନରେ ପ୍ଲାଷ୍ଟିକ ମୁକ୍ତ ଭାରତ ଗଠନ ସମ୍ପର୍କରେ ସଚେତନତା ସୃଷ୍ଟି କରିଥିଲେ। ବହୁଳ ମାତ୍ରାରେ ପ୍ଲାଷ୍ଟିକ ବ୍ୟବହାର ଯୋଗୁ ଏହା କିପରି ପରିବେଶ ଉପରେ କ୍ଷତି ପହଞ୍ଚାଉଛି, ସେ ସମ୍ପର୍କରେ ଲୋକଙ୍କୁ ବୁଝାଇବା ସହ ସଂଗ୍ରହ କରାଯାଇଥିବା ବର୍ଜ୍ୟ ପ୍ଲାଷ୍ଟିକର ପୁନଃ ବିନିଯୋଗ ସମ୍ପର୍କରେ ତଥ୍ୟ ରଖିଥିଲେ। ଏସ୍‌ଡିଓ ରତିକାନ୍ତ ବେହେରା, ଏହାକୁ ଉଦ୍‌ଘାଟନ କରିଥିବା ବେଳେ ବିଶ୍ୱନାଥ ମହାନ୍ତି, ମନୋଜ ପରିଡା, ମନରଞ୍ଜନ ଜେନା, କଳ୍ପତରୁ ରଥ, ଧୁନ ମଲ୍ଲିକ, ବିଜୟ କିଶୋର ସ୍ୱାଇଁ ପ୍ରମୁଖ ୧୬ ଜଣ କର୍ମଚାରୀ ଏବଂ ଆମିନିଟ ସେଣ୍ଟରର ଷ୍ଟାଫ ମଧ୍ୟ ଏହି କାର୍ଯ୍ୟରେ ନିୟୋଜିତ ଥିଲେ।



ଆର ଆଣ୍ଡ ବି ପକ୍ଷରୁ ସଫେଇ କରାଯାଉଛି।

### ■ ବଢ଼ିବାରେ ଲାଗିଛି ନଦୀ ଜବରଦଖଲ

## ପ୍ରଭାବିତ ହେଉଛନ୍ତି ଚାଷୀ, ମତ୍ସ୍ୟଜୀବୀ

**କୁଜଙ୍ଗ,୨୧।୯(ସ୍ୱ.ପ୍ର)**

କୁଜଙ୍ଗ ବ୍ଲକ ଦେଇ ପ୍ରବାହିତ ବିଭିନ୍ନ ନଦୀ, ସମୁଦ୍ରକୂଳ ଅଞ୍ଚଳର ସଫେଇ ମୁହାଣ ଏବେ ଜବରଦଖଲକାରୀଙ୍କ କବ୍‌ଜାରେ ରହିଛି। ଏହି ଜବରଧଖଲ ଯୋଗୁ ଚାଷୀ ଓ ମତ୍ସ୍ୟଜୀବୀମାନେ ବିଶେଷ ଭାବେ ପ୍ରଭାବିତ ହେଉଛନ୍ତି। ବେଆଇନ ଚିଙ୍ଗୁଡ଼ି ଘେରିକୁ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଲାଣି। ଚିଙ୍ଗୁଡ଼ି ମାଫିଆ ଓ ପ୍ରଶାସନିକ ଅଧିକାରୀଙ୍କ ସଲାସୁତୁରା ଯୋଗୁ ଏହି ଅଞ୍ଚଳରେ ବହୁ ଯୁବ ଚାଷୀ ଚାଷ ନ କରି ସେମାନଙ୍କ ମୂଲ୍ୟବାନ ଜମିକୁ ଚିଙ୍ଗୁଡ଼ି ମାଫିଆ ତଥା ବାହୁବଳିମାନଙ୍କ ହାତରେ ଲିଜ୍ ସୂତ୍ରରେ ଟେକିଦେଇଛନ୍ତି। ଚୁଙ୍ଗୁଡି ଚାଷକରି ମାଫିଆମାନେ ମାଲାମାଲ୍ ହେଉଥିବାବେଳେ ଚାଷୀକୂଳ ହତାଶ ହେବାରେ ଲାଗିଛନ୍ତି। ଚାଷୀମାନେ ଯେଉଁ ଜମି ଦେଇଛନ୍ତି, ସେମାନେ ତାଙ୍କ ପ୍ରାପ୍ୟ ସଠିକ୍ ରୂପେ ପାଉ ନ ଥିଲେ ମଧ୍ୟ ବାହୁବଳିଙ୍କ ବିରୋଧରେ ମୁହଁ ଖୋଲିବାକୁ ସାହସ କରିପାରୁନାହାନ୍ତି। ନଦୀଶଯ୍ୟାକୁ ସମ୍ପୂର୍ଣ୍ଣ ଭାବେ ଅବରୋଧ କରି ଏହି ପ୍ରଭାବଶାଳୀ ବ୍ୟକ୍ତିମାନେ ଦୀର୍ଘ ବର୍ଷ ଧରି ଏଥିରୁ କୋଟି କୋଟି ଟଙ୍କା ଆୟ କରୁଛନ୍ତି। ମାତ୍ର ସାଧାରଣ ଚାଷୀ, ମତ୍ସ୍ୟଜୀବୀମାନେ କ୍ଷତିଗ୍ରସ୍ତ ହେଉଛନ୍ତି। ଏନେଇ ଲିଖିତଭାବେ ଅଭିଯୋଗ କଲେ ପ୍ରଶାସନ ବିଚାର କରିବେ ବୋଲି ଅଧିକାରୀମାନେ ମତବ୍ୟକ୍ତ କରୁଛନ୍ତି। ଫଳରେ ଏଠାରେ ପ୍ରଶାସନ ଖଟିଖିଆ ଗରୀବମାନଙ୍କ ପେଟକୁ ଲାତମାରି ପ୍ରଭାବଶାଳୀ ମାଫିଆମାନଙ୍କ ସ୍ୱାର୍ଥକୁ ଗୁରୁତ୍ୱ ଦେଉଥିବା ଆଲୋଚନା ହେଉଛି।



ବେଆଇନ ଭାବେ ହୋଇଥିବା ଚିଙ୍ଗୁଡ଼ି ଘେରି।

### ■ ମାହାଙ୍ଗା ପୂର୍ତ୍ତ ବିଭାଗ ରାସ୍ତା କାର୍ଯ୍ୟରେ ମହାଦୁର୍ନୀତି

# କାର୍ଯ୍ୟାନୁଷ୍ଠାନ ନ ହେଲେ ଜିଲାପାଳ ଅଫିସ ଘେରିବ ଭାଜପା

**ଚଣ୍ଡିଖୋଲ,୨୧।୯(ଡି.ଏନ.ଏ)**

ମାହାଙ୍ଗା ପୂର୍ତ୍ତ ବିଭାଗ ସବ୍‌ଡିଭିଜନ ଅଧୀନରେ ଥିବା ମାହାଙ୍ଗା ଓ ବଡ଼ଚଣା ବ୍ଲକର କେତେକ ରାସ୍ତା କାର୍ଯ୍ୟରେ ବ୍ୟାପକ ଅନିୟମିତତା ହୋଇଛି। ଏ ସମ୍ପର୍କରେ ଗଣମାଧ୍ୟମରେ ଖବର ପ୍ରକାଶ ପାଇବା ପରେ ମାହାଙ୍ଗା ଭାଜପା ନେତା ସାରଦା ପ୍ରଧାନ ପୂର୍ତ୍ତ ବିଭାଗ ଦୁର୍ନୀତିର ତଦନ୍ତ କରାଯାଇ ଅଭିଯୁକ୍ତଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି କରିଛନ୍ତି। ନଚେତ ଅକ୍ଟୋବର ୧୫ରେ କଟକ ଜିଲାପାଳ ଅଫିସକୁ ଭାଜପା ଘେରାଉ କରିବ ବୋଲି ଶନିବାର ପୋଡ଼ାମରାଇଠାରେ ଏକ ଖବରଦାତା ସମ୍ମିଳନୀ କରି ସୂଚନା ଦେଇଛନ୍ତି। ସେ କହିଛନ୍ତି ଯେ, ମାହାଙ୍ଗା ପୂର୍ତ୍ତ ବିଭାଗ ଅଧୀନରେ ଥିବା ବାଲିଚନ୍ଦ୍ରପୁର-ଲଳିତଗିରି, ବାଲିଚନ୍ଦ୍ରପୁର-କୁଆଁପାଳ, କୁଆଁପାଳ-ଗୋପିନାଥପୁର, ଛତିଆ-ସାଲେପୁର, ଲଳିତଗିରି-କଟିକଟା ଓ ମାହାଙ୍ଗା-ନିଶ୍ଚିତକୋଇଲି ରାସ୍ତା ନିର୍ମାଣରେ ବ୍ୟାପକ ଅନିୟମିତତା ହୋଇଛି। ଏହି ରାସ୍ତାରେ ଗତ ୫ବର୍ଷ ମଧ୍ୟରେ ଶହେ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ଦୁର୍ନୀତି ହୋଇଛି। ରାସ୍ତା ନବୀକରଣ ନାମରେ କୋଟିକୋଟି ଟଙ୍କା ଟେଣ୍ଡର ମାଧ୍ୟମରେ ଖର୍ଚ୍ଚ କରାଯାଇଥିଲାବେଳେ ଗୁପ୍ତ ଟେଣ୍ଡର ମାଧ୍ୟମରେ ଶହେ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ଖର୍ଚ୍ଚ କରାଯାଇଛି। ପୂର୍ତ୍ତ ବିଭାଗ ସହକାରୀ ଯନ୍ତ୍ରୀ ଓ କନିଷ୍ଠ ଯନ୍ତ୍ରୀଙ୍କ ମାଧ୍ୟମରେ ଏହି ଦୁର୍ନୀତି କରାଯାଇଛି। ସେମାନଙ୍କୁ ଶାସକଦଳ ସମ୍ପୂର୍ଣ୍ଣ ସୁରକ୍ଷା ଦେଇଛି। ଏହି


ବାଲିଚନ୍ଦ୍ରପୁର-କୁଆଁପାଳ ରାସ୍ତାରେ ଫାଟ ହେବା ପରେ ଏବେ ତାଳି ପକା କାମ ଚାଲିଛି

- ■ କୋଟି କୋଟି ଟଙ୍କା ହୋଇଛି ହରିଲୁଟ୍
- ■ ଅକ୍ଟୋବର ୧୫ ସୁଦ୍ଧା ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି

ସୁରକ୍ଷା କାରଣରୁ ଏଭଳି ଏକ ମହାଦୁର୍ନୀତି ମାହାଙ୍ଗା ପୂର୍ତ୍ତ ବିଭାଗ ଅଧୀନରେ ହୋଇଛି ବୋଲି ଭାଜପା ନେତା ପ୍ରଧାନ କହିଛନ୍ତି। ବାଲିଚନ୍ଦ୍ରପୁର-କୁଆଁପାଳ ରାସ୍ତା ଦୀର୍ଘ ୭ କିଲୋମିଟର ହୋଇଥିଲାବେଳେ ଏଠାରେ ୭କୋଟି ଟଙ୍କା ବ୍ୟୟ କରାଯାଇଛି। ୭କୋଟି ଟଙ୍କା ବ୍ୟୟରେ ନିର୍ମିତ ଏହି ରାସ୍ତା ନିର୍ମାଣର ୬ମାସ ପରେ ଫାଟି ଦୁଇ ଫାଳ ହୋଇଯାଇଛି। ସେହି ରାସ୍ତାରେ ବ୍ୟାପକ ଦୁର୍ନୀତି ହୋଇଥିଲାବେଳେ ଫାଟ ବନ୍ଦ କରିବା ପାଇଁ ତାଳି ପକା କାର୍ଯ୍ୟ କରାଯାଉଛି। ସେହିଭଳି କୁଆଁପାଳ-ଭେଡ଼ା ରାସ୍ତାରେ ୧୨ କୋଟି ଟଙ୍କା ବ୍ୟୟ କରାଯାଇଥିଲାବେଳେ ନିର୍ମାଣର ୬ମାସ ମଧ୍ୟରେ ରାସ୍ତାଟି ୩ଫୁଟ୍ ଦବି ଯାଇଛି। ଏହି ରାସ୍ତା ଦବିବା ଘଟଣାକୁ ନେଇ ପୂର୍ତ୍ତ ବିଭାଗ ଜଳସମ୍ପଦ ବିଭାଗ ଉପରେ ଦୋଷ ଲଦି ଖସି ଯିବାକୁ ଚେଷ୍ଟା କରିଛି। ସମ୍ପୃକ୍ତ ରାସ୍ତାଟି ଦୀର୍ଘ ୭୦ବର୍ଷ ଧରି ଜଳ ସମ୍ପଦ ବିଭାଗ ଅଧୀନରେ ଥିଲାବେଳେ ଏହା କେବେ ଦବି ନ ଥିଲା। ମାତ୍ର ୫ବର୍ଷ ତଳେ ଏହି ରାସ୍ତାକୁ ପୂର୍ତ୍ତ ବିଭାଗକୁ ହସ୍ତାନ୍ତର କରାଯାଇ ନିର୍ମାଣ କାମ ଶେଷ ହେବାର ୬ମାସରେ ରାସ୍ତାର ଗୋଟିଏ ପାର୍ଶ୍ୱ କିପରି ଦବିଲା ତାହାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ତେବେ ପୂର୍ତ୍ତ ବିଭାଗରେ ଯେଉଁ ଦୁର୍ନୀତି ହୋଇଛି ସେଥିରେ ସହକାରୀଯନ୍ତ୍ରୀ, କନିଷ୍ଠଯନ୍ତ୍ରୀ କାର୍ଯ୍ୟ କରୁଥିଲାବେଳେ ବିଭାଗୀୟ ନିର୍ବାହୀ ଯନ୍ତ୍ରୀ ସମସ୍ତ ବିଲ୍ ପାସ କରିଛନ୍ତି। ଖୋଦ୍ ନିର୍ବାହୀ ଯନ୍ତ୍ରୀ ଏହି ଦୁର୍ନୀତିରେ ସମ୍ପୃକ୍ତ ଥିଲାବେଳେ ସେ ତଦନ୍ତ ଦାୟିତ୍ୱ ନେଇଛନ୍ତି। ଯାହାକି ତଦନ୍ତର ନିରପେକ୍ଷତାକୁ ନେଇ ପ୍ରଧାନ ପ୍ରଶ୍ନ ଉଠାଇଛନ୍ତି। ଏ ସମ୍ପର୍କରେ ସେ ମୁଖ୍ୟମନ୍ତ୍ରୀ, ପୂର୍ତ୍ତମନ୍ତ୍ରୀ ଓ ପୂର୍ତ୍ତବିଭାଗ ସଚିବଙ୍କୁ ଚିଠି ଲେଖି ତଦନ୍ତ କରିବାକୁ ନିବେଦନ କରିଛନ୍ତି। ଅକ୍ଟୋବର ୧୫ ମଧ୍ୟରେ ଯଦି ତଦନ୍ତ ଶେଷ କରି କାର୍ଯ୍ୟାନୁଷ୍ଠାନ ନିଆ ନ ଯାଏ ତେବେ କଟକ ଜିଲାପାଳଙ୍କ ଅଫିସକୁ ୧୦ହଜାର ଜନସାଧାରଣ ଘେରାଉ କରିବେ ବୋଲି ଚେତାବନୀ ଦେଇଛନ୍ତି।

## ‘ଚାଳଘର’ ସଭାପତିଙ୍କୁ ହତ୍ୟା ଧମକ ଅଭିଯୋଗ

**ବରୀ,୨୧।୯(ସ୍ୱ.ପ୍ର.)**

ବରୀ ଅଞ୍ଚଳର ‘ଚାଳଘର’ ସାହିତ୍ୟ ସଂସଦର ସଭାପତି ଅଶୋକ କୁମାର ସାହୁଙ୍କୁ ହତ୍ୟା ଧମକ ଦିଆଯାଉଥିବା ଶୁକ୍ରବାର ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗ ଆଧାରରେ ପୋଲିସ ଏକ ମାମଲା (ନଂ.୨୧୯/୧୯) ରୁଜୁକରି ତଦନ୍ତ ଚଳାଇଥିବା ଥାନାଧିକାରୀ ମାର୍କଣ୍ଡ ମିଶ୍ର ସୂଚନା ଦେଇଛନ୍ତି। ବରୀ ଅଞ୍ଚଳରେ ୨୦୧୩ରେ ଚାଳଘର ସାହିତ୍ୟ ସଂସଦ ଗଢ଼ି ଉଠିଥିଲା। ୨ମାସ ହେବ ଉକ୍ତ ସାହିତ୍ୟ ସଂସଦ ନାମରେ କେତେ ଜଣ ବ୍ୟକ୍ତିବିଶେଷ ସାମାଜିକ କାର୍ଯ୍ୟ ନାମରେ ଅର୍ଥ ଆଦାୟ କରୁଛନ୍ତି। ଫଳରେ ଚାଳଘର ସାହିତ୍ୟ ସଂସଦ ବଦ୍‌ନାମ ହେଉଛି। ଏହାକୁ ବିରୋଧ କରି କିଛି ଦିନ ତଳେ ସାହୁ ପ୍ରେସ୍ ବିବୃତି ମାଧ୍ୟମରେ ସଂସଦନାମକୁ ଅପବ୍ୟବହାର କରୁଥିବା ବ୍ୟକ୍ତି ବିଶେଷ ଦୂରେଇ ଯିବାକୁ ନିବେଦନ କରିଥିଲେ। ଏହାପରଠାରୁ ତାଙ୍କୁ ବିଭିନ୍ନ ସମୟରେ ଗାଳିଗୁଲଜ କରିବା ସହିତ ଜୀବନରୁ ମାରିଦେବାକୁ ଧମକ ଦିଆଯାଉଥିବା ଅଭିଯୋଗରେ ସେ ଦର୍ଶାଇଛନ୍ତି। ଏଥିସହ ଜୀବନ ପ୍ରତି ବିପଦ ଥିବାରୁ ସୁରକ୍ଷା ଲୋଡ଼ିଛନ୍ତି।




## ଓଜନ-ମାପ ବିଭାଗ ପକ୍ଷରୁ ଚଢାଉ, ଜରିମାନା ଆଦାୟ

**ରସୁଲପୁର,୨୧।୯(ଡିଏନଏ)**

ରସୁଲପୁର ବ୍ଲକ ମଧୁବନ, ନଠୁଆବର, ଗୋପିନାଥପୁର, ହରିପୁର ପ୍ରଭୃତି ଅଞ୍ଚଳରେ ଓଜନ-ମାପ ବିଭାଗ ପକ୍ଷରୁ ଶନିବାର ଚଢାଉ କରାଯାଇ ବଟକରା, ଓଜନ ମେଶିନ ଯାଞ୍ଚ କରାଯାଇ ଜରିମାନା ଆଦାୟ କରାଯାଇଛି। ବିଭାଗ ପକ୍ଷରୁ ୬ଟି ମାମଲା ରୁଜୁ କରାଯାଇ ଜରିମାନା ବାବଦକୁ ୫,୫୦୦ଟଙ୍କା ଆଦାୟ କରାଯାଇଛି। ଏହି ଅବସରରେ ଓଜନ-ମାପ ନିରୀକ୍ଷକ ଶର୍ମିଳା ଜେନାଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ସହାକାରୀ ନିୟନ୍ତ୍ରକ ଜ୍ଞାନରଞ୍ଜନ ମହାନ୍ତି ଓ ସହଯୋଗୀଙ୍କୁ ନେଇ ଗଠିତ ଏହି ସ୍କ୍ୱାର୍ଡ ନଠୁଆବର ଅଞ୍ଚଳର ଶିବୁଶିବାନୀ ଗ୍ୟାସ, ମଧୁବନ ଲକ୍ଷ୍ମୀବଜାରସ୍ଥିତ ପରିବା ଦୋକାନ, ମାଂସ ବ୍ୟବସାୟୀ, ଗୋପିନାଥପୁର ଅଞ୍ଚଳର କୁକୁଡା ବ୍ୟବସାୟୀ, ହରିପୁର ବଜାରର ଗ୍ରୋସରୀ ଓ ପୂଜା ସାମଗ୍ରୀ ଦୋକାନ ଉପରେ ଚଢାଉ କରିଥିଲେ। ଉକ୍ତ ଦୋକାନୀମାନେ ନିୟମିତ ସେମାନଙ୍କ ଇଲୋକ୍ଟ୍ରୋନିକ୍ସ ଓଜନ ମେଶିନ, ନିକିତି ବଟକରାକୁ ରିନ୍ୟୁ କରି ନ ଥିଲେ। ପ୍ରତ୍ୟେକ ବର୍ଷରେ ଥରେ ମେଶିନ ଓ ବଟକରା ରିନ୍ୟୁ କରି ନ ଥିବା ଜଣାପଡିବାରୁ ସେମାନଙ୍କ ବିରୋଧରେ ଜରିମାନା ଲାଗୁ କରାଯାଇଥିଲା। ଏନେଇ ବିଭାଗ ପକ୍ଷରୁ ୬ଟି ମାମଲା ରୁଜୁ କରାଯାଇ ବ୍ୟବସାୟୀଙ୍କୁ ପ୍ରମାଣପତ୍ର ଦିଆଯାଇଛି। ବିଭାଗ ପକ୍ଷରୁ ଅଚାନକ ଚଢାଉକୁ ନେଇ ବ୍ୟବସାୟୀଙ୍କ ମଧ୍ୟରେ ଛନକା ପଶିଛି। ଏ ଦିଗରେ ପ୍ରମାଣପତ୍ର ହାସଲକୁ ନେଇ ଅନ୍ୟ ବ୍ୟବସାୟୀଙ୍କ ମଧ୍ୟରେ ତତ୍ପରତା ପ୍ରକାଶ ପାଇଛି।

**ଶ୍ରୀରାମ ରକ୍ଷା କବଚ**

ଜୀବନର ଯେ କୌଣସି ସମସ୍ୟାର ସମାଧାନ ପାଇଁ ବହୁ ପରୀକ୍ଷିତ ଶ୍ରୀରାମ ରକ୍ଷା କବଚ ନୀତି ନିୟମରେ ଧାରଣ କରନ୍ତୁ। ପ୍ରାପ୍ତି ପାଇଁ ଯୋଗାଯୋଗ କରନ୍ତୁ:

**ଶ୍ରୀ ରବି ମିଶ୍ର, ଜ୍ୟୋତିର୍ବିଦ୍**

ତାରିଣୀ ବିହାର, କୁମ୍ଭାରସାହି, ବିଡ଼ାନାସୀ, କଟକ - ୧୪
ମୋ: ୯୪୩୯୧୪୯୯୭୫

ପ୍ରତ୍ୟେକ ବୁଧବାର ମାଗଣା ଜାତକ ବିଚାର କରାଯାଏ।

## ସୋସିଆଲ ମିଡିଆରେ ମହିଳାଙ୍କ ଅଶ୍ଳୀଳ ଫଟୋ ଛାଡି ଯୁବକ ଗିରଫ

**ରସୁଲପୁର,୨୧।୯(ଡିଏନଏ)**

ରସୁଲପୁର ବ୍ଲକ କଳଣ ଗ୍ରାମର ଜଣେ ଯୁବକ ସ୍ଥାନୀୟ ଅଞ୍ଚଳର ଜଣେ ମହିଳାଙ୍କ ଅଶ୍ଳୀଳ ଫଟୋ ସୋସିଆଲ ମିଡିଆରେ ଛାଡ଼ି ଗିରଫ ହୋଇଛନ୍ତି। ଗିରଫ ଅଭିଯୁକ୍ତ ହେଲେ ଜିତେନ୍ଦ୍ର ମଳିକ(୩୦)। ଜିତେନ୍ଦ୍ର ଏକ ଫେକ ଆଇଡିରେ ପୀଡ଼ିତାଙ୍କର ଅଶ୍ଳୀଳ ଫଟୋ ପୋଷ୍ଟ କରିବା ସହ ଅଶ୍ଳୀଳ ମତାମତ ରଖିଥିଲେ। ଏହା ଜାଣିବା ପରେ ସମ୍ପୃକ୍ତ ମହିଳା ଏ ନେଇ କୁଆଖିଆ ଥାନାରେ ଅଭିଯୋଗ କରିଥିଲେ। ଥାନାଧିକାରୀ ମନୋଜ ସ୍ୱାଇଁ ଅଭିଯୁକ୍ତଙ୍କୁ ଶୁକ୍ରବାର ରାତିରେ ଘରୁ ଗିରଫ କରି ଶନିବାର କୋର୍ଟ ଚାଲାଣ କରିଛି। ଏ ସମ୍ପର୍କରେ ଥାନାରେ ଏକ ମାମଲା (ନଂ -୨୩୧/୧୯) ରୁଜୁ କରିବା ସହ ପୋଲିସ ଘଟଣାକୁ ନେଇ ତଦନ୍ତ ଜାରି ରଖିଛି।

### ରତଳାଙ୍ଗ ପଞ୍ଚାୟତରେ ଦୁର୍ନୀତି ଅଭିଯୋଗ

## ତଦନ୍ତ ଦାବିକଲେ ଗ୍ରାମବାସୀ

**ବରୀ,୨୧।୯(ସ୍ୱ.ପ୍ର.)**

ବରୀ ବ୍ଲକ ଅଧୀନ ରତଳାଙ୍ଗ ପଞ୍ଚାୟତରେ ଦୁର୍ନୀତି ହେଉଥିବା ଅଭିଯୋଗ ହୋଇଛି। ଏ ନେଇ ଶନିବାର ପଞ୍ଚାୟତର ବରିଷ୍ଠ ନାଗରିକ ବସନ୍ତ ସାମଲଙ୍କ ନେତୃତ୍ୱରେ ଶତାଧିକ ଗ୍ରାମବାସୀ ଯାଜପୁର ଜିଲାପାଳ, ପଞ୍ଚାୟତି ରାଜ ମନ୍ତ୍ରୀ, ପଞ୍ଚାୟତିରାଜ ସଚିବ ଓ ସ୍ଥାନୀୟ ବିଧାୟିକାଙ୍କ ନିକଟରେ ଅଭିଯୋଗ କରିଥିବା ଜଣାପଡିଛି। ଏଥିସହ ଦୁର୍ନୀତିର ତଦନ୍ତ ପାଇଁ ଦାବି କରିଛନ୍ତି।

୨୦୧୭-୧୮ ଆର୍ଥିକ ବର୍ଷରେ ରତଳାଙ୍ଗ ପଞ୍ଚାୟତକୁ ଆସିଥିବା ଗ୍ରାମ୍ୟ ପରିମଳ ଓ ପାନୀୟ ଜଳ ଯୋଜନା, ଆଲୋକୀକରଣ, ରାସ୍ତା ନିର୍ମାଣ ଓ ମରାମତି, ଗୁହାଳଯୋଜନା, ବାର୍ଦ୍ଧକ୍ୟ ଭତ୍ତା, ପ୍ରଧାନମନ୍ତ୍ରୀ ଆବାସରେ ମହାଦୁର୍ନୀତି ହୋଇଛି। ଏହି ମହାଦୁର୍ନୀତିରେ କାର୍ଯ୍ୟ ନିର୍ବାହୀ ଅଧିକାରୀଙ୍କ ସମ୍ପୃକ୍ତି ଥିବା ଅଭିଯୋଗରେ ଦର୍ଶାଯାଇଛି। ଏଥି ସହିତ ପୂର୍ବରୁ ଥିବା ୩୨ ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ପାନୀୟ ଜଳ ପ୍ରକଳ୍ପର ସାରଞ୍ଜାମ ନାମରେ ଅର୍ଥ ହଡ଼ପ, ରାସ୍ତା ମରାମତି ବାବଦକୁ ଲକ୍ଷାଧିକ ଟଙ୍କା ଆତ୍ମସାତ୍ କରାଯାଇଥିଲା ବେଳେ ଏବେ ରାସ୍ତା ଫାଟି ଆଁ କରିଛି, ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ପ୍ରୋତ୍ସାହନ ରାଶି ହିତାଧିକାରୀଙ୍କୁ ଠିକ୍ ସମୟରେ ମିଳି ନାହିଁ। ଏଥିପାଇଁ ୨୦ରୁ ୩୦ହଜାର ଟଙ୍କା ଲାଞ୍ଚ ଦେବାକୁ ପଡୁଛି। ସେହିପରି ଗୋରୁ ନ ଥିବା ହିତାଧିକାରୀଙ୍କୁ ଗୁହାଳ ପ୍ରଦାନ, ବିଦ୍ୟୁତ୍‌କରଣ ବାବଦରେ ଟଙ୍କା ଆତ୍ମସାତ୍ କରାଯାଇଥିଲାବେଳେ ପଞ୍ଚାୟତରେ ଗୋଟିଏ ହେଲେ ବିଦ୍ୟୁତ୍ ବଲ୍ ଜଳୁ ନ ଥିବା ଅଭିଯୋଗ ହୋଇଛି। ଏ ସଂକ୍ରାନ୍ତରେ ବରୀ ବିଧାୟିକା ସୁନନ୍ଦା ଦାସଙ୍କୁ ପଚାରିବାରୁ, ଅଭିଯୋଗ ମିଳିଛି। ଏହାର ତଦନ୍ତ ହେବା ଜରୁରୀ ବୋଲି କହିଛନ୍ତି। ସ୍ଥାନୀୟ ସରପଞ୍ଚ ବିଜ୍ଞାନ ମଲିକଙ୍କୁ ପଚାରିବାରୁ, ଦୁର୍ନୀତି ହୋଇନାହିଁ, ପଞ୍ଚାୟତକୁ ମିଳିଥିବା ଅର୍ଥ ବିଭିନ୍ନ ଯୋଜନାରେ ବିନିଯୋଗ କରାଯାଇଛି। କାର୍ଯ୍ୟ ନିର୍ବାହୀ ଅଧିକାରୀଙ୍କ ମତାମତ ମିଳିପାରି ନାହିଁ। ଅଭିଯୋଗ ଦାଖଲରେ ବରିଷ୍ଠ ନାଗରିକ ବସନ୍ତଙ୍କ ସହିତ ମଦନ ମୋହନ ସାମଲ, ନୀଳମଣି ସାମଲ, ନିରଞ୍ଜନ ପରମାଣିକ, ଦିଲ୍ଲୀପ ସାମଲ ପ୍ରମୁଖ ଶତାଧିକ ଗ୍ରାମବାସୀ ଯୋଗଦେଇଥିଲେ।




3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ

